ଆଜି - ସୋମବାର
ତାରିଖ - ୨୯ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୫
ତିଥି - ପୂର୍ଣ୍ଣିମା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମୂଳା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୪: ୦୦
ସୂର୍ଯ୍ୟାସ୍ତ - ୬ : ୨୫: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 76 R.N.I. REGD. No. 44026/86 ବାଲେଶ୍ୱର ୨୯ ଜୁନ୍ ୨୦୨୬ ସୋମବାର BALASORE 29 JUNE 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

ଆଜି ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା; ହାତୀବେଶରେ ଦର୍ଶନ ଦେବେ ଶ୍ରୀଜିଉ

ପୁରୀ: ଆଜି ସୋମବାର ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା (ଜୁନ୍ ୨୯)ରେ ପାଳିତ ହେବ ମହାପ୍ରଭୁ

ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା । ବର୍ଷକୁ ଥରେ ହେଉଥିବା ଏହି ପବିତ୍ର ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭ୍ରାତା ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସ୍ନାନମଣ୍ଡପରେ ୧୦୮ କଳସ ସୁଗନ୍ଧିତ ଜଳରେ ମହାସ୍ନାନ କରିବେ । ଏହାପରେ ମହାପ୍ରଭୁ ଦୁର୍ଲଭ ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ଏହି ଦିବ୍ୟ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଉତ୍ସବକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୁରୀ ପୋଲିସ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଓ ଏସପିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ନାନଯାତ୍ରାର ନୀତି ସମୟସୂଚୀ ଅନୁଯାୟୀ, ସ୍ନାନ ପୂର୍ଣ୍ଣିମା ଦିନ ଭୋର ୪ଟା ୩୦ ମିନିଟ୍‌ରେ ମଙ୍ଗଳାର୍ପଣ ନୀତି ଆରମ୍ଭ ହେବ । ଏହାପରେ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସରି ସକାଳ ୫ଟାରେ ପହଣ୍ଡି ଆରମ୍ଭ ହେବ । ସକାଳ ୯ଟାରେ ସ୍ନାନମଣ୍ଡପରେ ମଙ୍ଗଳ ଆଳତି, ଦିନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୧୦୮ କଳସ ଜଳରେ ମହାସ୍ନାନ, ଅପରାହ୍ନ ୩:୩୦ରେ ଛେରା ପହଁରା, ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଦୁର୍ଲଭ ହାତୀବେଶ ଦର୍ଶନ, ସନ୍ଧ୍ୟା ୭:୩୦ରୁ ରାତି ୯:୩୦ ପର୍ଯ୍ୟନ୍ତ ସାହାଣମେଳା, ରାତି ୧୦ଟାରେ ହାତୀବେଶ ମଇଲମ ଏବଂ ରାତି ୧୧ଟାରେ ବାହୁଡ଼ା । ପହଣ୍ଡି ହେବ ବୋଲି ପ୍ରଶାସନିକ ସମୟ ଧାର୍ଯ୍ୟ ହୋଇଛି । ସେପଟେ ସ୍ନାନଯାତ୍ରା ପୂର୍ବ ପ୍ରସ୍ତୁତି ଓ ଜରୁରୀ ନୀତି ପାଇଁ ଶନିବାର ରାତି ୧୦.୩୦ରୁ ରବିବାର ଦିନ ପ୍ରାୟ ଦିନ ୧ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିଛି । ପରେ ସୀମିତ ସମୟ ପାଇଁ ଦର୍ଶନ ଖୋଲାଯିବ ଏବଂ ରାତି ୭ଟା ପର୍ଯ୍ୟନ୍ତ ଚାଲିବ । ଏଥିସହିତ ସ୍ନାନଯାତ୍ରା ଦିନ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ ଏବଂ ଅନ୍ୟ ତିନିଟି ଦ୍ୱାର ଦେଇ ବାହାରିବେ । ଗତବର୍ଷ ନିର୍ମିତ ସ୍ୱତନ୍ତ୍ର ରାମ୍ପ ଦେଇ ଭକ୍ତମାନେ ସ୍ନାନମଣ୍ଡପ ନିକଟକୁ ଯାଇ ଦର୍ଶନ କରିପାରିବେ । ପହଣ୍ଡି ଦର୍ଶନ ପାଇଁ ପ୍ରାୟ ୧୫୦୦ରୁ ୨୦୦୦ ପରିମାଣିକ ଟିକେଟ୍ ବିକ୍ରି କରାଯିବ । ଜଣେ ବ୍ୟକ୍ତିଙ୍କୁ ସର୍ବାଧିକ ଦୁଇଟି ଟିକେଟ୍ ମିଳିବ ଏବଂ ଟିକେଟ୍ ଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ । ଅପରପକ୍ଷେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି, ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସ୍ନାନଯାତ୍ରା ପାଇଁ ସମଗ୍ର ଶ୍ରୀକ୍ଷେତ୍ର କଡ଼ା ସୁରକ୍ଷା ବଳୟ ଭିତରେ ରହିବ । ୭୯ ପ୍ଲାଟୁନ୍ ଫୋର୍ସ ମୁତୟନ ସହିତ କୁଇକ୍ ରିଆକ୍ସନ୍ ଟିମ୍, ଆଂଟି ସାବୋଟାଜ୍ ଟିମ୍ ଓ ସ୍ପେଶାଲ୍ ଟାକ୍ଟିକାଲ୍ ୟୁନିଟ୍ ନିୟୋଜିତ ରହିବେ ।

ସେଶେଲ୍ସର ନ୍ୟାସନାଲ ଆସେମ୍ବ୍ଲିକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ମାନ୍ୟବର, ସମ୍ମାନନୀୟା ଅଜାରେଲ ଅର୍ନେଷ୍ଟା, ନ୍ୟାସନାଲ ଆସେମ୍ବ୍ଲିର ବାଚସ୍ପତି, ମାନନୀୟା ସିଲଭାନ ଲେମିୟେଲ, ସରକାରୀ ଦଳର ନେତା, ମାନନୀୟ ବୈନୋ ଜର୍ଜ, ବିରୋଧୀ ଦଳର ନେତା, ଉପସ୍ଥିତ ମାନନୀୟ ସଦସ୍ୟବୃନ୍ଦ, ଏବଂ ମୋର ପ୍ରିୟ ଭଉଣୀ ଓ ଭାଇମାନେ, ନମସ୍କାର ! ବୋନ୍ ଆପ୍ରେମିଡି ! ଏହି ଜାତୀୟ ସଭାକୁ ସମ୍ବୋଧନ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ ହେବା ମୋ ପାଇଁ ଏକ ସ୍ୱତନ୍ତ୍ର ସମ୍ମାନର ବିଷୟ । ମାନ୍ୟବର ବାଚସ୍ପତି, ଆପଣଙ୍କର ଗଭୀର ଶ୍ରଦ୍ଧା ଓ ଆନ୍ତରିକତା ପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଆଜି ସକାଳେ ମୋତେ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍' ସମ୍ମାନରେ ସମ୍ମାନିତ କରିଥିବାରୁ ମୁଁ ରାଷ୍ଟ୍ରପତି ଏର୍ମିନି ଏବଂ ସେଶେଲ୍ସର ଜନସାଧାରଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି । ପରିବେଶ ସଂରକ୍ଷଣ ପାଇଁ ନିରନ୍ତର ପ୍ରୟାସ କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏହା ଉତ୍ସାହିତ କରିବ । ମୁଁ ମୋ ସହିତ ଭାରତର ୧୪୦ କୋଟି ଜନସାଧାରଣଙ୍କ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ନେଇ ଆସିଛି । ୨୦୧୫ ମସିହାରେ ଭାରତ ମହାସାଗରୀୟ ଅଂଚଳରେ ପ୍ରଧାନମନ୍ତ୍ରୀ ଭାବେ ମୁଁ ଗସ୍ତ କରିଥିବା ପ୍ରଥମ ଦେଶ ହେଉଛି ସେଶେଲ୍ସ । ସେତେବେଳେ ସୌଭାଗ୍ୟ । ଏହି ସ୍ୱତନ୍ତ୍ର ସମ୍ମାନ ପାଇଁ ଧନ୍ୟବାଦ । ଏହି ଅଷ୍ଟମ ସମ୍ବୋଧିତ କରିବା ଏକ ବିରଳ

ପ୍ରଧାନମନ୍ତ୍ରୀ ଭାବେ ଆଫ୍ରିକାକୁ ମଧ୍ୟ ଏହା ମୋର ପ୍ରଥମ ଗସ୍ତ ଥିଲା । ମୁଁ ଏଠାକୁ ଆସିଥିଲି କାରଣ ମୋର ବିଶ୍ୱାସ ଯେ ଭାରତ ମହାସାଗର ପାଇଁ ଭାରତର ପରିକଳ୍ପନାରେ ସେଶେଲ୍ସ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଆଜି ଏକ ଦଶନ୍ଧି ପରେ ଯେତେବେଳେ ମୁଁ ଏଠାକୁ ପୁଣିଥରେ ଆସିଛି, ସେହି ବିଶ୍ୱାସ ଆହୁରି ଦୃଢ଼ ହୋଇଛି । ଆପଣମାନେ ସ୍ୱାଧୀନତାର ପଚାଶ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଆପଣମାନଙ୍କ ସହ ସାମିଲ ହୋଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ସ୍ୱତନ୍ତ୍ର ଅବସରରେ ଆପଣଙ୍କୁ ଏବଂ ସେଶେଲ୍ସର ଜନସାଧାରଣଙ୍କୁ ଅନେକ ଅନେକ ଅଭିନନ୍ଦନ । ସମ୍ମାନନୀୟ ସଦସ୍ୟବୃନ୍ଦ, ଏହି ଜାତୀୟ ସଭାକୁ ସମ୍ବୋଧିତ କରିବା ଏକ ବିରଳ ସୌଭାଗ୍ୟ । ଏହି ସ୍ୱତନ୍ତ୍ର ସମ୍ମାନ ପାଇଁ ଧନ୍ୟବାଦ । ଏହି ଅଷ୍ଟମ ଜାତୀୟ ସଭାର ନବନିର୍ବାଚିତ ସଦସ୍ୟମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଗରିମାମୟ ଗୃହର ପ୍ରଥମ ମହିଳା ବାଚସ୍ପତି ହୋଇଥିବାରୁ ମାନ୍ୟବର ବାଚସ୍ପତି, ମୁଁ ଆପଣଙ୍କୁ ମଧ୍ୟ ମୋର ଅଭିନନ୍ଦନ ଜଣାଉଛି । ସମ୍ମାନନୀୟ ସଦସ୍ୟବୃନ୍ଦ, ଆଜି ଏହା ମନେ ପକାଇବା ଗୁରୁତ୍ୱପୂର୍ଣ୍ଣ ଯେ ଆମର ବନ୍ଧୁତା ପଚାଶ ବର୍ଷ ପୂର୍ବେ ଆମର କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ସହିତ ଆରମ୍ଭ ହୋଇନଥିଲା । ବରଂ, ଏହାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା । ଅଗଷ୍ଟ ୧୭୭୦ରେ, ସେଂଟ ଆନ୍ ଦ୍ୱୀପରେ 'ଦି ଥେଲେମାକ' ଜାହାଜରେ ଏଠାରେ ପହଂଚିଥିବା ଲୋକଙ୍କ ମଧ୍ୟରେ ପାଂଚ ଜଣ ଭାରତୀୟ ଥିଲେ । ସେହି ଯାତ୍ରା ପରବର୍ତ୍ତୀ ସମୟରେ ଅନେକ ଲୋକଙ୍କୁ ଏଠାକୁ ଆସିବା ଲାଗି ବାଟ ଦେଖାଇଥିଲା । ସମୟକ୍ରମେ, ସେମାନଙ୍କର କାହାଣୀ ଆଧୁନିକ ସେଶେଲ୍ସର କାହାଣୀର ଏକ ଅଂଶ ପାଲଟିଗଲା । ଏହା ଆମକୁ ମନେ ପକାଇଦିଏ ଯେ ଆମ ମଧ୍ୟରେ ଥିବା ସମ୍ପର୍କ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇନାହିଁ । ଏହା ଲୋକମାନଙ୍କ ଦ୍ୱାରା ଗଢ଼ାଯାଇଛି, ପରିବାର ଦ୍ୱାରା ବଢ଼ିଛି ଏବଂ ପିଢ଼ି ପରେ ପିଢ଼ି ଧରି ବଜାୟ ରହିଛି । ଭାରତ ମହାସାଗର ଏହାକୁ ସମ୍ଭବ କରିଛି । ଭାରତ ମହାସାଗର ଭାରତ ଏବଂ ସେଶେଲ୍ସକୁ ପୃଥକ କରେ ନାହିଁ; ଏହା ଆମକୁ ଯୋଡ଼ିଥାଏ । ସେଥିପାଇଁ ଆମେ ଅପରିଚିତ ଭାବରେ ନୁହେଁ, ବରଂ ପୁରୁଣା ବନ୍ଧୁ ଭାବରେ ପରସ୍ପରକୁ ଭେଟୁଛୁ । ସମ୍ମାନନୀୟ ସଦସ୍ୟବୃନ୍ଦ, ସେଶେଲ୍ସର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଜନସାଧାରଣ ।

ମନ କି ବାତ୍‌ର ୧୩୫ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ନୂଆଦିଲ୍ଲୀ : ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । 'ମନ୍ କି ବାତ୍'ରେ ପୁଣିଥରେ ଆପଣ ସମସ୍ତଙ୍କ ସହ ଯୋଡ଼ିହୋଇ ମୋତେ ବହୁତ ଖୁସି ଲାଗୁଛି । ୨୦୨୬ ବର୍ଷର ପ୍ରଥମାର୍ଦ୍ଧ ବିତିବାକୁ ବସିଲାଣି । ଏହି ୬ ମାସରେ ଆମେ 'ମନ୍ କି ବାତ୍'ରେ ଦେଶବାସୀଙ୍କ ଅନେକ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଛୁ । ଜୁନରେ ମଧ୍ୟ ଦେଶ ଏଭଳି କିଛି ଉପଲବ୍ଧି ହାସଲ କରିଛି, ଯାହା ପ୍ରତ୍ୟେକ ଦେଶବାସୀଙ୍କୁ ଗର୍ବିତ କରୁଛି । ଏହି ସଫଳତାଗୁଡ଼ିକ ଦେଶର ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତା ସହ ଜଡ଼ିତ । ନିକଟରେ ମୋତେ କୋଲକାତାରେ ନୌବାହିନୀ ସହ ଜଡ଼ିତ ଗୋଟିଏ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଲା । ସେଠାରେ ଆଇଏନ୍‌ଏସ୍ ଦୁନାଗିରି, ଆଇଏନ୍‌ଏସ୍ ସଂଶୋଧକ ଏବଂ ଆଇଏନ୍‌ଏସ୍ ଅଗ୍ରଯୁକ୍ତ ଭାରତୀୟ ନୌବାହିନୀରେ ସାମିଲ କରାଗଲା । ଏହି ଜାହାଜଗୁଡ଼ିକର ଡିଜାଇନ୍ ଏବଂ ଉତ୍ପାଦନ, ସବୁକିଛି ସ୍ୱଦେଶୀ ।

ବନ୍ଧୁଗଣ, ଜୁନ୍ ମାସରେ ହିଁ ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ଦେଶ ଗୋଟିଏ ବଡ଼ ସଫଳତା ପ୍ରାପ୍ତ କରିଛି । ଉ-୨୯୫, ଏହି ବିମାନ 'ମେଡ୍ ଇନ୍ ଇଣ୍ଡିଆ' ଏବଂ ଏହି ଉ-୨୯୫ ବିମାନ ନିଜର ପ୍ରଥମ ଉଡ଼ାଣ ସମ୍ପୂର୍ଣ୍ଣ କରିଛି ଏବଂ ଏହିଭଳି ୪୦ଟି ବିମାନ ଭାରତରେ ହିଁ ତିଆରି କରାଯାଉଛି । ଏଥିରେ ଏମଏସଏମଇ ଏବଂ ଏରୋସ୍ପେସ୍ କ୍ଷେତ୍ରକୁ ନୂତନ ଶକ୍ତି ମିଳୁଛି । ରୋଜଗାରର ସୁଯୋଗ ବୃଦ୍ଧି ପାଉଛି ଏବଂ ଆତ୍ମନିର୍ଭର ଭାରତର ସଂକଳ୍ପ ମଧ୍ୟ ସୁଦୃଢ଼ ହେଉଛି । ଏହି ମାସରେ ଡିଆରଡିଓ ସ୍ୱଦେଶୀ ଭାରତର 'ଲଙ୍ଗ୍ ରେଞ୍ଜ୍ ଲ୍ୟାଣ୍ଡ୍ ଆଟାକ୍ କ୍ରୁଜ୍ କ୍ଷେପଣାସ୍ତ୍ର'ର ମଧ୍ୟ ସଫଳ ପରୀକ୍ଷଣ କରିଛି । ଏହାକୁ ଡିଆରଡିଓର ପରୀକ୍ଷାଗାର ଏବଂ ଭାରତୀୟ ଶିଳ୍ପ ସହଭାଗୀ ମିଳିତ ଭାବେ ତିଆରି କରିଛନ୍ତି, ଅର୍ଥାତ୍ ଆଜି ସମୁଦ୍ରଠାରୁ ଆରମ୍ଭକରି ଆକାଶ ପର୍ଯ୍ୟନ୍ତ ଆମ ଭାରତ ଅଧିକ ସୁରକ୍ଷିତ ଏବଂ ଆତ୍ମନିର୍ଭର ହେବାକୁ ଯାଉଛି । ବନ୍ଧୁଗଣ, ଜୁନରେ ଆଉ ଗୋଟିଏ ଆୟୋଜନ ହୋଇଥିଲା । ଯେଉଁଥିରେ ସମଗ୍ର ବିଶ୍ୱ ଭାରତର ପ୍ରଚେଷ୍ଟା ସହ ଯୋଡ଼ିହେଲେ ଏବଂ ଏହି କାର୍ଯ୍ୟକ୍ରମ ଥିଲା 'ଆନ୍ତର୍ଜାତିକ ଯୋଗ ଦିବସ' । ଏଥର ବିଶ୍ୱର ୨୫୦୦ରୁ ଅଧିକ ସ୍ଥାନରେ ଯୋଗର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆମ ଦେଶରେ କୋଟି କୋଟି ଲୋକେ ବିଭିନ୍ନ ସ୍ଥାନରେ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ । ଏହି ମାସରେ ଅହମ୍ମଦାବାଦରେ ଆୟୋଜିତ 'ବିଶ୍ୱ ଯୋଗାସନ ଚମ୍ପିଆନସିପ୍' ମଧ୍ୟ ବଡ଼ ଆଲୋଚନାର ବିଷୟ ରହିଲା । ଏଥିରେ ଭାରତ ମୋଟ ୧୧୪ ପଦକ ଜିତିଛି, ଯେଉଁଥିରେ ରହିଛି ୧୦୨ଟି ସ୍ୱର୍ଣ୍ଣପଦକ । ଭାରତ ଏହି ଚମ୍ପିଆନସିପର ପଦକ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କଲା । ମୁଁ ସମସ୍ତ ବିଜୟୀ ଖେଳାଳିମାନଙ୍କୁ ବହୁତ ବହୁତ ଅଭିନନ୍ଦନ ଜଣାଉଛି । ବନ୍ଧୁଗଣ, ଯେକୌଣସି ରାଷ୍ଟ୍ରର ଆତ୍ମା ହେଉଛନ୍ତି ସେଠାକାର ଜନସାଧାରଣ । ଯେତେବେଳେ ସେହି ଦେଶର ଲୋକେ କୌଣସି ସଂକଳ୍ପ ଗ୍ରହଣ କରନ୍ତି ସେତେବେଳେ କୌଣସି ଶକ୍ତି ସେମାନଙ୍କୁ ଲକ୍ଷ୍ୟଚ୍ୟୁତ କରିପାରେ ନାହିଁ । ରାଷ୍ଟ୍ର ନିର୍ମାଣରେ ଜନଭାଗିଦାରୀର ଏହି ଶକ୍ତି ଭାରତର ବହୁତ ବଡ଼ ପୁଞ୍ଜି ଏବଂ ଏହି ଜନଭାଗିଦାରୀକୁ ଆମେ ବାରମ୍ବାର ଅନୁଭବ କରୁଛୁ । ବନ୍ଧୁଗଣ, ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଯୁଦ୍ଧର ସ୍ଥିତିକୁ ଦେଖି ମୁଁ ଦେଶବାସୀଙ୍କୁ କିଛି ଅନୁରୋଧ କରିଥିଲି । ମୁଁ କହିଥିଲି ଯେ ଯଥାସମ୍ଭବ କିଛି ସମୟ ପାଇଁ ସୁନା କ୍ରୟ କରିବାରୁ ବିରତ ରୁହନ୍ତୁ ।

ମନ୍ କୀ ବାତ୍ ସମାଜରେ ସକାରାତ୍ମକ ପରିବର୍ତ୍ତନର ଜନଆନ୍ଦୋଳନ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗାଡ଼ିରେ ଯାଉଥିବା ସମୟରେ, ମୋବାଇଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ, ପରିବେଶ ସୁରକ୍ଷା ପାଇଁ ଜନଭାଗିଦାରୀ, ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଚୀନ ଜ୍ଞାନ ପରମ୍ପରା, ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ଇକୋ-ବ୍ରିକ୍ସ' ନିର୍ମାଣ ଏବଂ ଗଣେଶ ଉତ୍ସବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରେରଣାଦାୟୀ ବିଚାର ଉପରେ ଆଲୋଚନା କରିଛନ୍ତି । 'ମନ୍ କି ବାତ୍' ଆଜି କେବଳ ଏକ ରେଡ଼ିଓ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏକ ସଶକ୍ତ ଜନଆନ୍ଦୋଳନର ରୂପ ନେଇଛି, ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରୁଛି

। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଆମ ସମସ୍ତଙ୍କୁ ମିଳିମିଶି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ଏକ ନୂଆ ଶକ୍ତି ପ୍ରଦାନ କରିଛି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରି ଜ୍ଞାନ, ସଂବାଦ ଏବଂ ଅନୁଶାସିତ ତର୍କର ସଂସ୍କୃତିକୁ ଆଗକୁ ବଢ଼ାଉଛି । ଏହି ପରମ୍ପରା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଚାରର ସୁସ୍ଥ ଆଦାନପ୍ରଦାନ କରିବାର ଏକ ମାଧ୍ୟମ । ନାଳନ୍ଦାର ଏହି ପ୍ରୟାସ ଆମର ଗୌରବମୟ ବୌଦ୍ଧିକ ଐତିହ୍ୟକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେହିପରି ଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଏବଂ ଡାଟା ସାଇନ୍ସ (ଡାଟା ସାଇନ୍ସ) ଭଳି ଆଧୁନିକ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମର ଆରମ୍ଭ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ । ଏହି ଅଭିନବ ପ୍ରୟାସ ଭାରତର ପ୍ରାଚୀନ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତିର ସମନ୍ୱୟକୁ ସୁଦୃଢ଼ କରିବ । ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକ ପାଇଁ ନୂତନ ଏଆଇ ସମାଧାନ ପ୍ରସ୍ତୁତ କରାଯାଇପାରିବ ଏବଂ ଆମର ପ୍ରାଚୀନ ଗ୍ରନ୍ଥ ଓ ପାଣ୍ଡୁଲିପିଗୁଡ଼ିକର ସଂରକ୍ଷଣ ପାଇଁ ଏକ ନୂଆ ଦିଗ ମିଳିବ ।

ଅଳ୍ପରେ ଖବର

- ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କ ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ପି. ଭି. ନରସିଂହ ରାଓଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।
- ଗୁଜୁରାଟର ସୁରଟରେ 'ମେଗା ବୃକ୍ଷରୋପଣ ଅଭିଯାନ' ର ଅଂଶବିଶେଷ ସ୍ୱରୂପ ରବିବାର ଦିନ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲ ୨୫,୦୦୦ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି ।

ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ସମ୍ମିଳନୀରେ ଗ୍ରାମୀଣ ଆଭ୍ୟନ୍ତରୀଣ ଅଡିଟ୍ ପୋର୍ଟାଲ ଲଂଚ କଲେ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ

ଆଜି ନୂଆଦିଲ୍ଲୀର ପୁସା କ୍ୟାମ୍ପସରେ ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ସମ୍ମିଳନୀ ସମୟରେ 'ଗ୍ରାମୀଣ ଆଭ୍ୟନ୍ତରୀଣ ଅଡିଟ୍ ପୋର୍ଟାଲ' ଲଂଚ କରିଛନ୍ତି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟରେ ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶାସନ ବୃଦ୍ଧି କରିବା ଦିଗରେ ଇଓ-ସକ୍ଷମ ପୋର୍ଟାଲ ଏକ ଗୁରୁତ୍ୱପୂର୍ଣ୍

ବିକାଶ ପଥେ ବାଲେଶ୍ୱର: ରାଜ୍ୟ ସରକାର

ବାଲେଶ୍ୱର(ନି.ପ୍ର.)ମାନ୍ୟବର ସାଂସଦ ବାଲେଶ୍ୱର ଅତ୍ୟନ୍ତ ଆନନ୍ଦିର ସହିତ ଜଣାଇଛନ୍ତି ଯେ ବାଲେଶ୍ୱରରେ ଏକ ରାଇସ୍ ମିଲିଂ କ୍ଲଷ୍ଟର (ଜସମର ଗସକ୍ଷକ୍ଷ-ସଭଶ ମକ୍ଷଙ୍କଷ୍ପଷ୍ପରକ୍ସ) ର ଶୁଭ ଉଦ୍ଘାଟନ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏହି ପ୍ରକଳ୍ପ ପାଇଁ ସେ ବିଗତ ଦିନଗୁଡ଼ିକରେ ନିଷ୍ଠାର ସହ ବାରମ୍ବାର ପ୍ରୟାସ କରିଥିଲେ ଏବଂ ଆଜି ତାହାର ସଫଳ ରୂପାୟନ ଦେଖି ସେ ଅତ୍ୟନ୍ତ ସନ୍ତୋଷ ଅନୁଭବ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି ।ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ଏହି କ୍ଲଷ୍ଟର ସ୍ଥାପିତ ହୋଇଥିବାବେଳେ, ଭବିଷ୍ୟତରେ ଏହାର ଅଧିକ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଅର୍ଥରାଶି ମଧ୍ୟ ଯୋଗାଇ ଦିଆଯିବ ବୋଲି ଆଶା ରହିଛି ।ଏହି ଐତିହାସିକ ପଦକ୍ଷେପ ପାଇଁ ସେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ, ତତ୍କାଳୀନ କେନ୍ଦ୍ର ଗଝଗର ମନ୍ତ୍ରୀ ଶ୍ରୀ ନିତିନ ଗଡକରୀଜୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଜୀଙ୍କୁ ଅନ୍ତରର ସହ ଧନ୍ୟବାଦ ଜଣାଇଛନ୍ତି କ୍ଷ ସେହିପରି ଏହି ରାଇସ୍ ମିଲିଂ କ୍ଲଷ୍ଟରକୁ ବାସ୍ତବ ରୂପ ଦେବା ପାଇଁ ଯେଉଁ ଉଦ୍ୟୋଗୀ, କର୍ମକର୍ତା ଓ ସମ୍ପୃକ୍ତ ବ୍ୟକ୍ତିମାନେ ଅହରହ ପ୍ରୟାସ କରିଛନ୍ତି, ସେମାନଙ୍କୁ ମଧ୍ୟ ସେ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି । ବାଲେଶ୍ୱରର ଚାଷୀଭାଇମାନଙ୍କ ପାଇଁ ଏହି ରାଇସ୍ ମିଲିଂ କ୍ଲଷ୍ଟର ଏକ ନୂତନ ଆଶାର ସଂଚାର କରିବ । କୃଷି ଉତ୍ପାଦନର ମୂଲ୍ୟବୃଦ୍ଧି, ରୋଜଗାର ସୃଷ୍ଟି ଏବଂ ସ୍ଥାନୀୟ ଅର୍ଥନୀତିର ବିକାଶରେ ଏହା ମାଇଲଖୁ[ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ଚାଷୀ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସମର୍ପିତ ହୋଇ ବାଲେଶ୍ୱରର ବିକାଶ ଯାତ୍ରାକୁ ଆହୁରି ଗତିଶୀଳ କରିବ ବୋଲି ସେ ଦୃଢ଼ ବିଶ୍ୱାସ ରଖିଛନ୍ତି ।

ବାଲେଶ୍ୱରର ଆଇନ ଶୃଙ୍ଖଳା, ସରକାରୀ ପାଠ୍ୟପୁସ୍ତକରେ ତ୍ରୁଟି ଓ ସରକାରୀ ଜମିରୁ ବେଆଇନ୍ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟାରେ ସିଭିଲ୍ ସୋସାଇଟି ବୈଠକରେ ଉଦ୍‌ବେଗ

ବାଲେଶ୍ୱର, ତା୨୮-୦୬: ବାଲେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି, ସରକାରୀ ଜମିରୁ ବେଆଇନ ନିର୍ମାଣ ଉଚ୍ଛେଦ ଓ ସରକାରୀ ବିଦ୍ୟାଳୟରେ ୧ମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟିଗୁଡ଼ିକ ସଂପର୍କରେ ଆସନ୍ତା ପହିଲା ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ନିଷ୍ପ୍ରତି ଗ୍ରହଣ କରାଯାଇଛି । ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ମନୋଜ ନାୟକ ଆଲୋଚନାର ବିବରଣୀ ଉପସ୍ଥାପିତ କରିଥିଲେ । ଗତ ଦୁଇଦିନ ପୂର୍ବରୁ ବାଲେଶ୍ୱର ସହରର ଅର୍ଡ଼ର ବଜାରରେ ପ୍ରକାଶ୍ୟ ଦିବାଲୋକରେ ଦୁଇଜଣ

ଦୁର୍ବୁ[ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ବାଲେଶ୍ୱରରେ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସହରରେ ଅପରାଧ ସଂଖ୍ୟା ବୃଦ୍ଧି ପାଇଛି । ଓ.ଟି.ରୋଡ଼ର ତାମୁଲିଆ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ସରକାରୀ ଜମିରେ ପଶ୍ଚିମ ପଟରେ ଥିବା ଜବର ଦଖଲ ନିର୍ମାଣଗୁଡ଼ିକୁ ଭାଙ୍ଗିଥିବାବେଳେ ପୂର୍ବପଟରେ ଥିବା ବେଆଇନ୍ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇ ନାହିଁ । ସେହିପରି ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଂଟ[ଓ ଟ୍ରାନ୍‌ସଫର୍ମର ଗୁଡ଼ିକୁ ସ୍ଥାନାନ୍ତର କରାଯାଇନାହିଁ । ଡ୍ରେନ୍ ଓ ରାସ୍ତା ସଂପ୍ରସାରଣ କାର୍ଯ୍ୟ ନିମ୍ନମାନର ଓ ମନ୍ଥର ଗତିରେ ଚାଲୁଛି । ସରକାରୀ ବିଦ୍ୟାଳୟରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ସହସ୍ରାଧିକ ତ୍ରୁଟି କାରଣରୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଚଳିତ ଶିକ୍ଷାବର୍ଷରେ ଏକ ଅନିଶ୍ଚିତତାକୁ ଚାଲିଯାଇଛି ବୋଲି ସଂପାଦକ ଶ୍ରୀ ନାୟକ ବୈଠକରେ ଉପସ୍ଥାପନ କରିତ୍‌ଲେ । ଏହି ସମସ୍ୟାଗୁଡ଼ିକ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ରଘୁନାଥ ଲେଙ୍କା, ବିପ୍ଳବ କୁମାର ମହାନ୍ତି, ସନ୍ତୋଷ କୁମାର ସାହୁ, ଅଜିତ୍ କୁମାର ବରାଲ, ଅରୁଣ ଜେନା, ନିରଞ୍ଜନ ପରିଡ଼ା, ବନ୍ଦନା ପାତ୍ର, ଭରତ ଚନ୍ଦ୍ର ସେଠୀ, ମଳୟ ରାୟ, କମଳାକାନ୍ତ ବେହେରା, ତୁଷାରକାନ୍ତି ମହାପାତ୍ର ଓ ମହମ୍ମଦ ଇକ୍‌ବାଲ୍ ଖାଁ ପ୍ରମୁଖ ସଂପାଦକଙ୍କ ବିବରଣୀ ଉପରେ ଗଭୀର ଉଦ୍‌ବେଗ ପ୍ରକାଶ କରି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ପ୍ରସ୍ତାବକ୍ରମେ ଆସନ୍ତା ଜୁଲାଇ ପହିଲାଦିନ ଜିଲ୍ଲାପାଳଙ୍କ ଜରିଆରେ ଉପରୋକ୍ତ ସମସ୍ୟା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ସର୍ବସମ୍ମତ ନିଷ୍ପ୍ରତି ନିଆଯାଇଛି । ଆସନ୍ତା ଏକମାସ ମଧ୍ୟରେ ସମସ୍ୟାଗୁଡ଼ିକର ସମାଧାନ ନହେଲେ ସିଭିଲ୍ ସୋସାଇଟି ସମସ୍ତ ଗଣସଂଗଠନର ସହଯୋଗରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପ୍ରତି ନିଆଯାଇଛି । ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଅନୁଷ୍ଠିତ ହେଲା ୭୯ତମ କନହେଇ ଜୟନ୍ତୀ ସମାରୋହ

ରଞ୍ଜନ ପ୍ରଧାନ ପାଇଲେ କନହେଇ କଥା ପୁରସ୍କାର

ବାଲେଶ୍ୱର,(ନି.ପ୍ର.): କନ୍‌ହେଇଲାଲ ଦାସ ଥିଲେ ଅଗ୍ରଗାମୀ ଲେଖକ । ତାଙ୍କୁ ସମସାମୟିକ ଲେଖକ ଅନୁସରଣ କରୁଥିଲେ । ଲେଖକ ମରିଯାଏ ସତ, କିନ୍ତୁ ସେ ବଂଚି ରହେ ପାଠକଙ୍କ ଭିତରେ । ଯେମିତି କନହେଇଲାଲ ଦାସ ରହିଛନ୍ତି । ଆଗାମୀ ପିଢ଼ି ପାଇଁ କନ୍ ?ହେଇଲାଲଙ୍କ ପରି ଲେଖକଙ୍କୁ ପରିଚିତ କରାଇବାର ଆବଶ୍ୟକତା ରହିଛି, ନହେଲେ ଆଜିର ଏ ଏଆଇ ଯୁଗରେ ସେପରି ଲେଖକମାନେ ବିସ୍ମୃତ ହୋଇଯିବେ । ପାରମ୍ପରିକ ଚେତନାକୁ ଭାଙ୍ଗିଦେବାର ପ୍ରଚଣ୍ଡ ସାହସ ରଖିଥିଲେ କନ୍ ?ହେଇଲାଲ । ତାଙ୍କର ଜୀବନ ଯେମିତି ବିୟୋଗାନ୍ତକ, ତାଙ୍କର ଅଧିକାଂଶ ଗପର ପରିଣତି ପାଠକକୁ ବିଷାଦିତ କରିଦେଇଥାଏ । ଜଣେ ଜଣେ ଲେଖକ ଏମିତି ଥାଆନ୍ତି, ଯିଏ ଜୀବଦ୍ଦଶାରେ ପରିଚିତି ପାଇନଥାନ୍ତି । ସେମିତି ଜଣେ ଥିଲେ କନ୍ ?ହେଇଲାଲ । ମାତ୍ର ୨୮ ବର୍ଷର ଜୀବନକାଳ ମଧ୍ୟରେ ସେ ଯେତିକି ପରିଚିତ ହୋଇନଥିଲେ, ତାଙ୍କ ମୃତ୍ୟୁ ପରେ ସେ ଅଧିକରୁ ଅଧିକ ପରିଚିତ

ହୋଇଛନ୍ତି । ଛଳନା ହୀନ ଜୀବନ, ବନ୍ଧନମୁକ୍ତ ମନକୁ ନେଇ କାଳଜୟୀ ସାହିତ୍ୟ ରଚନା କରିଥିବା କନ୍ ?ହେଇଲାଲ ଚିରଦିନ ମନେ ରହିବେ ବୋଲି ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଆତିଥ୍ୟ ଭବନରେ କଥାକାର କନ୍ ?ହେଇଲାଲ ଦାସଙ୍କ ୭୯ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନ୍‌ହେଇଲାଲ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ପରେଶ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟର ସ୍ୱପ୍ନ ସମ୍ରାଟ୍ ? ହେଉଛନ୍ତି କନ୍ ?ହେଇଲାଲ ବୋଲି ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ଲେଖଙ୍କର ସ୍ମୃତି ରକ୍ଷା ପାଇଁ ତାଙ୍କର ପୁତ୍ରକନ୍ୟା ହିଁ ଆୟୋଜନ କରୁଥିବା ବେଳେ ଏଭଳି କାର୍ଯ୍ୟକ୍ରମ ବାଲେଶ୍ୱରର ଲେଖକ, ବୁଦ୍ଧିଜୀବୀ, ସାହିତ୍ୟିକ ଆୟୋଜନ କରୁଥିବା ନେଇ ସେ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ଭୋଗରାଇ ବିଧାୟକ ତଥା ସ୍ମୃତି ସଂସଦର ଆବାହକ ଗେ ?ତମବୁଦ୍ଧ ଦାସ ଯୋଗ ଦେଇ କନ୍ ?ହେଇଲାଲ ଯାହା ଲେଖୁଥିଲେ ପ୍ରଭାବ ପକାଉଥିଲା । ସବୁ ଚରିତ୍ରର ସେ ନାମ ଦେଇଛନ୍ତି । ସେ ଗୋଟେ ଧୂମକେତୁ ପରି ଆସିଥିଲେ, ଆମକୁ ସମ୍ମୋହିତ କରି ଫେରିଗଲେ ବୋଲି କହିବା ସହ ତାଙ୍କ ଜୀବନବ୍ୟାପୀ ସାହିତ୍ୟର ସୂକ୍ଷ୍ମାଭିବ୍ୟକ୍ତି ରଖିଥିଲେ । ଏହି ଅବସରରେ ଯୁବ କଥାଶିଳ୍ପୀ ଡକ୍ଟର ରଞ୍ଜନ ପ୍ରଧାନଙ୍କୁ 'କନ୍ ?ହେଇ କଥା ପୁରସ୍କାର' ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ଉତରୀୟ, ମାନପତ୍ର ଏବଂ ଦଶ ହଜାର ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । କେମିତି କନ୍ ?ହେଇଲାଲଙ୍କ ଗପ ପଢ଼ି ତାଙ୍କ କୈଶୋର ପ୍ରଭାବିତ ହୋଇଥିଲା, ଈଶ୍ୱରଙ୍କ ପ୍ରତି ଥିବା ତାଙ୍କର ଧାରଣା ସମ୍ପୂର୍ଣ୍ଣ ବଦଳି ଯାଇଥିଲା ଏବଂ ତାଙ୍କ ଭିତରେ ଏକ ରୂପାନ୍ତରଣ ଘଟିଥିଲା ସେସମ୍ପର୍କରେ ଡକ୍ଟର ପ୍ରଧାନ ସ୍ୱୀକାରୋକ୍ତି ରଖିବା ସହ କନହେଇଲାଲଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମୃତି ସଂସଦର ଆବାହକ କବି ଶ୍ରୀଦେବ ମଂଚ ଆହ୍ୱାନ ଓ ପ୍ରାକ୍ ? ସୂଚନା ରଖିଥିବା ବେଳେ ସଭାପତି ଡ଼କ୍ଟର ସୁବାସ ଚନ୍ଦ୍ର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଂପାଦକ ଉତ୍ପଳ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କୃଷ୍ଣ କୁମାର ମହାନ୍ତି ମାନପତ୍ର ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ସଂସଦର ସଦସ୍ୟ ଡକ୍ଟର ଲଲାଟେନ୍ଦୁ ଦାସ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କବି ଶ୍ରୀଦେବ ଏକ ପ୍ରସ୍ତାବ ଆଗତ କରିଥିଲେ । ଯେହେତୁ କନହେଇଲାଲ ଦାସ ଭୁବନେଶ୍ୱରର ପୁରୁଣା ବସଷ୍ଟାଣ୍ଡ ଖଟିରେ ପ୍ରଥମେ ବସୁଥିଲେ ତେଣୁ ଭୁବନେଶ୍ୱର ସାହିତ୍ୟ ଖଟିକୁ 'କନହେଇ ଖଟି' ନାମରେ ନାମିତ କରି ଏକ ମଂଚ ତିଆରି କରାଯାଉ । ଏହାର ଉତରରେ ବିଧାୟକ ଗୌତମ ବୁଦ୍ଧ ଦାସ ଏ ସମ୍ପର୍କରେ ସେ କଥା ହେବେ ବୋଲି ଜଣାଇଥିଲେ । ଶେଷରେ ସହସଂପାଦକ ରାଜେଶ ଗିରି ଧନ୍ୟବାଦ ଦେଇଥିଲେ । ଏହି ସମାରୋହରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବିଶିଷ୍ଟ ଗାଳ୍ପିକ ସହଦେବ ସାହୁ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଚିତରଞ୍ଜନ ଚିରଞ୍ଜିତ, ନିବାରଣ ଜେନା, କବି ପ୍ରଶାନ୍ତ ଦାସ, ଗଙ୍ଗାଧର ବିଶ୍ୱାଳ, ଅରୁଣା ରାୟ, କାଳିକିଙ୍କର ଦାସ, ଡକ୍ଟର କାଳିପଦ ପଣ୍ଡା, ଅଞ୍ଜଳି ପଣ୍ଡା, ଅଭୟ ଦାସ, ଦେବଯାନୀ ଦାସ, ଡକ୍ଟର ପ୍ରତୀଚୀ ନନ୍ଦ, ପ୍ରୀତିଲେଖା ଦାସ ଏବଂ ଆହୁରି ଅନେକ ଲେଖକଲେଖିକା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ବାଲେଶ୍ୱର ଠାରେ ନିଖିଳ ଓଡିଶା ବୁଦ୍ଧିଜୀବୀ ମଂଚ ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର(ନି.ପ୍ର.) ଅପରାହ୍ନ ତିନିଟା ସମୟରେ ନିଖିଳ ଓଡିଶା ବୁଦ୍ଧିଜୀବୀ ମଂଚ ତରଫ ରୁ ରାଣୀପାଟଣା ସ୍ଥିତ 'ଦି ଓ୍ୱେଲଫେୟାର' ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ମାନସିକ ପକ୍ଷାଘାତ ଛାତ୍ର-ଛାତ୍ରୀଙ୍କ ବିଦ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠାନର ସଭାପତି ପ୍ରଫେସର ପାର୍ଥ ସାରଥୀ ଅଜୟ ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱରର ବରିଷ୍ଠ ଚିକିତ୍ସାବିତ ଡ଼କ୍ଟର ଗୀତ ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭ୍ୟ ତଥା ଦୃଷ୍ଟିହୀନ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଙ୍କ ପ୍ରାକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦୃଷ୍ଟିହୀନ ଛାତ୍ର ବଂଶୀଧର ଦାସ ସର୍ବ ପ୍ରଥମେ ଗୀତା ପଠନ କରିବା ପରେ ମଂଚସିନା ଅତିଥି ମାନଙ୍କୁ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ବାସନ୍ତୀ ସିଂହ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ସହ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ନିଖିଳ ଓଡିଶା ବୁଦ୍ଧିଜୀବୀ ମଂଚ ର ସଭାପତିଙ୍କ ବ୍ୟତୀତ ଶିକ୍ଷାବିତ ଉପସଭାପତି ଶ୍ରୀ ମଦନ ମହଲ୍ଲା, ସମ୍ପାଦକ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀ ଦିଲୀପ କୁମାର ମହାପାତ୍ର ସହ ସମ୍ପାଦକ ବିବେକ କୁମାର ଜେନା, ରମେଶ ଚନ୍ଦ୍ର ଦାସ, ଜିତେନ୍ଦ୍ର ବେହେରା ଯୋଗ ଦେବା ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନର କାରଣ ଓ ବିଭିନ୍ନ ସ୍ୱାସ୍ଥ୍ୟଗତ ଯତ୍ନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଡ଼କ୍ଟର ଗୀତା ଗିରି ଛାତ୍ର ଛାତ୍ରୀ ମାନଙ୍କୁ ଦୈନନ୍ଦିନା ଚଳଣି ଉପରେ ସ୍ୱାସ୍ଥ୍ୟ ର ଯତ୍ନ ନେବାରେ ଆଲୋକପାତ କରିବା ସହିତ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ନବୀନ ବେହେରା ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲା ବେଳେ ଅନୁଷ୍ଠାନ ତରଫର ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଶ୍ରୀଯୁକ୍ତ ପାର୍ଥ ସାରଥୀ ଅଜୟ ବାରିକ ଙ୍କ ଅନୁରୋଧ କ୍ରମେ ଆସନ୍ତା ବର୍ଷ ଠାରୁ ଫକୀର ମୋହନ ମାଟିରେ ପ୍ରତ୍ୟେକ ବର୍ଷ ଫକୀର ମୋହନ ଙ୍କ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ କରାଗଲା । ସର୍ବ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମୃଦୁ ପାନୀୟ ଓ କେକ ପ୍ରଦାନ କରାଗଲା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

ଜାତୀୟ ପଲସ ପୋଲିଓ ଟୀକାକାରଣ ଦିବସ ପାଳନ

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ଟିକା କରଣ କେନ୍ଦ୍ର କକ୍ଷରେ ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଷବସ୍ତୁ - ଦୁଇ ବୁନ୍ଦା ପ୍ରତେକ ଥର, ପୋଲିଓ ଉପରେ ବିଜୟ ରହୁ ନିରନ୍ତର । ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ପିଲା ଜଣକୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ଶୁଭାରମ୍ଭ କରିଥିଲେ । ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ଅନ୍ନପୂର୍ଣ୍ଣା ଜେନା, ଡାକ୍ତର ସ୍ମୃତି ପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହନ୍ତ, ସାସ୍ୱତୀ ମିଶ୍ର, ନୂତନ ପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ । ଏହି କାର୍ଯ୍ୟକ୍ରମ ଜୁନ ୨୮ ତାରିଖରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

ପ୍ରଥମ ତଥା ଜୁନ ୨୮ ତାରିଖରେ ସମଗ୍ର ଜିଲ୍ଲାରେ ୧୯୨୭୬୧ ଜଣ ଜନ୍ମରୁ ୫ ବର୍ଷ ପିଲାଙ୍କୁ ୧୦୬୩ ଟି ଟୀକା କରଣ କେନ୍ଦ୍ର, ୪୬ ଗୋଟି ସ୍ଥକ୍ସବଭହସସ୍ପ ଦଳ ଏବଂ ୨୩ ଗୋଟି ଭ୍ରାମ୍ୟ ମାଣ ଦଳ ଜରିଆରେ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ ଧାର୍ଯ୍ୟ କରା ଯାଇଛି । ଏଥି ନିମନ୍ତେ ୪୩୯୦ ଜଣ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନ ରେ ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ଜୁନ ୨୯ ଓ ୩୦ ତାରିଖ ଦିନ ୪୯୮୨୬୩ ଘରକୁ ପରିଦର୍ଶନ କରି ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ ରଖା ଯାଇଛି । ଆଜି ଜୁନ ୨୮ତାରିଖ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ୨୪୦୯୫୧(୮୦%) ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆ ଯାଇଛି । ଅବଶିଷ୍ଟ ପିଲାଙ୍କୁ ଆସନ୍ତା ଦୁଇ ଦିନରେ ଘରକୁ ଘର ଭୁଲି ଦିଆଯିବାର ବ୍ୟବସ୍ଥା ହୋଇଛି ।

ବିବାହ ଭୋଜିରେ ସାଂଘାତିକ କାଣ୍ଡ

ବାଲେଶ୍ୱର(ନି.ପ୍ର.)ଛେଳି ମାଂସ ବଦଳରେ କୁକୁଡ଼ା ମାଂସ ଦେବାରୁ କ୍ୟାଟରିଂ ଯୁବକଙ୍କ ବେକ କାଟିଲେ ୪ ନାବାଳକ । ରେମୁଣା ଥାନା ଅଠାନ୍ତର ଗାଁରେ ଘଟିଛି ଏହି ଅଭାବନୀୟ ଘଟଣା; ଗୁରୁତର ଯୁବକ ଫକୀରମୋହନ ମେଡ଼ିକାଲ କଲେଜରେ ଭର୍ତ୍ତି । ଦେହ ଶୋଚନୀୟ ହେବାରୁ ଏବେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର । ଆକ୍ରମଣରେ ସମ୍ପୃକ୍ତ ୪ ନାବାଳକ

ଟ୍ରେଲର ମାଲିକ ସଂଘର ନୂତନ କର୍ମକର୍ତା : ପ୍ରକାଶ ଜେନା ସଭାପତି ଓ ନଗେନ୍ଦ୍ର ରାଉତ ସମ୍ପାଦକ ଭାବେ ନିର୍ବାଚିତ

ପାରାଦୀପ(ନିପ୍ର): ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଂଘର ଏକ ସାଧାରଣ ବୈଠକ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଟ୍ରେଲର ମିଳିତ ସମନ୍ୱୟ କମିଟିର (ଜେସିସି) ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସଂଘର ନିର୍ବାଚନ ବିଧିବଧ ଭାବେ କରା ଯାଇଥିଲା । ଏଥିରେ ସଭାପତି ଭାବେ ପ୍ରକାଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଆଶୁତୋଷ ସ୍ୱାଇଁ, ସମ୍ପାଦକ ନଗେନ୍ଦ୍ର ରାଉତ, ସହ ସମ୍ପାଦକ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତି ରଞ୍ଜନ ପୃଷ୍ଟି ଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇ ଶପଥ ପାଠ କରାଯାଇଥିଲା । ସୂଚନା ଥାଉକି ଗତ ଜୁନ ୧୨ ତାରିଖ ଦିନ ତିନୋଟି ଟ୍ରେଲର ସଂଘକୁ ନେଇ ମିଳିତ ସମନ୍ୱୟ କମିଟିରେ ଆସନ୍ତା ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ତିନୋଟି ଯାକ ସଂଘର ନୂତନ କର୍ମକର୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ । ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଂଟେନର ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧିକରଣ ନିଷ୍ପତି ନେଇଥିବାରୁ ଟ୍ରେଲର ମାଧ୍ୟମରେ କଂଟେନର ଗୁଡିକୁ ପରିବହନ କରାଯିବ । ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲର ର ଆବଶ୍ୟକତା ପଡିବ । ପାରାଦୀପରେ ଟ୍ରେଲର ସଂଖ୍ୟା କମ ଥିବାରୁ ଏବଂ ଅଧିକ ଟ୍ରେଲର ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନଙ୍କୁ ନୂଆ ଟ୍ରେଲର କରିବା ପାଇଁ କମିଟି ତରଫରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା ।

ଭିଜିଲାନ୍ସ ପକ୍ଷରୁ ଗିରଫ ହେଲେ ଠିକାଦାର

ଯାଜପୁର(ନିପ୍ର): ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ବଡ଼ ଦୁର୍ନୀତି ଅଭିଯୋଗ ଘଟଣାରେ ଯାଜପୁର ରେ ଭିଜିଲାନ୍ସ ପକ୍ଷରୁ ଦୁଇ ଦିନ ଧରି ଜିଲ୍ଲାର ୮ଟି ଅଂଚଳରେ ଯାଂଚ ସହ ଚଢ଼ାଉ ଜାରି ରହିଛି । ଏହି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ଘଟଣାରେ ଯାଜପୁର ଜିଲା ସମେତ କେନ୍ଦୁଝର ଓ ନୟାଗଡ ଜିଲାରେ ମଧ୍ୟ ଚଢାଉ କରାଯାଇଛି । ଏହି ଦୁର୍ନୀତିରେ ୩ଟି ଜିଲ୍ଲାରେ କାର୍ଯ୍ୟ କରିଥିବା ୩ଜଣ ଠିକାଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ ବିଭାଗ । ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା କାଗଜ ପତ୍ର ଏଗ୍ରିମେଂଟ ଟେଣ୍ଡର ଏବଂ ଠିକାଦାର ଦେଇଥିବା ବିଲ କୁ ଭିଜିଲାନ୍ସ ବିଭାଗ ଜବତ କରି ତନାଘନା ଆରମ୍ଭ କରି ରାଜ୍ୟରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ୩ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇ ୩ଜଣ ଠିକାଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ । ଗିରଫ ଠିକାଦାର ମାନେ ହେଲେ ମୟୂରଭଞ୍ଜର ଟ୍ରାନ୍ସପାୱାର ର ମାଲିକ ଗିରିଜା ଶଙ୍କର ଦାସ ଓ ଭୁବନେଶ୍ୱର ର ଯୋଗମାୟା ଟ୍ରେଡର୍ସର ମାଲିକ ବିଭୁତି ରଞ୍ଜନ ବିଶ୍ୱାଳ ଏବଂ ଯାଜପୁର ଜିଲ୍ଲାର ବିରଜା ଇଲେକ୍ଟ୍ରିକାଲ୍ସ ର ମାଲିକ ଧରଣୀଧର ସାହୁ । ୨୦୨୧ରୁ ୨୦୨୩ ମଧ୍ୟରେ କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାର ଗ୍ରାମ ପଂଚାୟତ ଗୁଡ଼ିକରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ସରକାରୀ ଅର୍ଥ ହଡପ୍ ହୋଇଥିବା ଅଭିଯୋଗ ଆସିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଯାଂଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଅନ୍ୟପଟେ ଠିକାଦାରଙ୍କୁ ଗିରଫ କରିଦେଇ କାମସରି ଦେଲେ ହେବନାହିଁ ଦୁର୍ନୀତି ରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଲୋକପ୍ରତିନିଧି ପର୍ଯ୍ୟନ୍ତ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି କଂଗ୍ରେସ ।

ମୟୁର ସାହିତ୍ୟ ସଂସଦର ବର୍ଷା କବିତା ଆସର

ବୈଶିଙ୍ଗା(ନିପ୍ର): ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ମୟୁର ସାହିତ୍ୟ ସଂସଦ' ତରଫରୁ ଆଦ୍ୟ ଆଷାଢରେ ବର୍ଷା ଆଗମନକୁ ସ୍ୱାଗତ ପୂର୍ବକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଲେଖକ ଓ କବି ଉପସ୍ଥିତ ରହି ଏଲ- ନିନୋ ର ପ୍ରଭାବ ଓ ବିଳମ୍ବିତ ବର୍ଷା, ଚାଷୀକୂଳଉପରେ ତାର ପ୍ରଭାବ ଶୀର୍ଷକ ସ୍ୱରଚିତ କବିତା ଗୁଡିକ ଆବୃତି କରିଥିଲେ । କବିତା ଗୁଡିକର ସଂଯୋଜନା ସଂପାଦକ ନିରୋଦ ସୁନ୍ଦର ଜେନା କରିଥିଲେ । କବୟିତ୍ରୀ ମିନତି ସିଂହ, ସବିତା ମହାନ୍ତି, ଜୟଶ୍ରୀ ଉପାଧ୍ୟାୟ, କବି ଡଃ ସତ୍ୟସୁନ୍ଦର ଦାସ, ମୀନକେତନ ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି, ନିରୋଦ ସୁନ୍ଦର ଜେନା, ଯତିନ୍ଦ୍ର ନାଥ ସାହୁ, ବାସୁଦେବ ନାପିତ ପ୍ରମୁଖ କବିତା ପାଠ ଏବଂ ଗୌତମ ଚନ୍ଦ୍ର ବେହେରା, ପର୍ଶୁରାମ ସାହୁ ଓ ସଭାପତି ଶ୍ରୀ ଦ୍ୱିବେଦୀ ଆଷାଢର ବର୍ଷାର ପ୍ରଭାବ ପ୍ରକୃତି ଓ ଜନଜୀବନ ସମ୍ବନ୍ଧରେ ମୂଲ୍ୟବାନ୍ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷିକଙ୍କ ଉପସ୍ଥିତି ସହ କମଳ ଲୋଚନ କର, ସଂଜୟ କୁମାର ମଢୁଆଳ, ସୁଶାନ୍ତ କର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଂସଦର କା : ସଭାପତି ତଥା ରାଜ୍ୟ ଓ ଜାତୀୟ ପୁରସ୍କୃତ ଶିକ୍ଷକ ସଚିଦାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ମୋହିନୀ ହୋଟେଲରେ ରକ୍ତଦାନ ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ସହର ର ଜଣେ ଜଣାଶୁଣା ସାମାଜିକ ତଥା ସମାଜସେବୀ ସଙ୍ଗଠନ ଇଗଲ ଗ୍ରୁପ ପକ୍ଷ ରୁ ବିଗତ ବର୍ଷ ପରି ଏ ବର୍ଷ ସ୍ଥାନୀୟ ମୋହିନୀ ହୋଟେଲ ପରିସର ରେ ଏକ ମହାରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି । ଇଗଲ ଗ୍ରୁପ ସଭାପତି ଦିବ୍ୟ ସିଂ ପଟ୍ଟନାୟକ, ସଂପାଦକ ହିମାଦ୍ରି ପ୍ରଧାନ ତଥା ପୂର୍ବତନ ସଭାପତି ରାକେଶ ସାହୁ ଆଦିଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନ ରେ ଆୟୋଜିତ ଏହି ରକ୍ତଦାନ ଶିବିର କୁ ଝାରସୁଗୁଡ଼ା ର ବରିଷ୍ଠ ସମାଜ ସେବୀ ଅର୍ଜୁନ ମୋରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିବା ସହ ଇଗଲ ଗ୍ରୁପ ଦ୍ୱାରା କରାଯାଉଥିବା ଏହି ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ହୋଟେଲ ମୋହିନୀ ରୟାଲର ଅର୍ଜୁନ ମୁନ୍ଦ୍ରା, ବିଜୟ ମୂନ୍ଦ୍ରା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହି ଆୟୋଜକ ଏବଂ ରକ୍ତଦାତା ଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । ରକ୍ତଦାନ ଶିବିର ରେ ୬୬ ରକ୍ତଦାତା ଯେଉଁଥିରେ ବହୁ ସଂଖ୍ୟାରେ ମହିଳା ମାନେ ମଧ୍ୟ ସାମିଲ ହୋଇଥିଲେ ଲୋକଙ୍କ ଜୀବନ ବଂଚାଇବା ପାଇଁ ଆୟୋଜିତ ଏହି ଅଭିଯାନରେ ସହଯୋଗ କରି ସ୍ୱେଚ୍ଛା ରେ ରକ୍ତଦାନ କରିଥିଲେ । ରକ୍ତଦାନ ଶିବିରକୁ ସଫଳ କରିବାରେ ରେ ଇଗଲ ଗ୍ରୁପ ସଦସ୍ୟ ଭାଗବତ ସ୍ୱାଇଁ, ବଳଭଦ୍ର, ଦେବାଶିଷ ମହାପାତ୍ର, ରାଜେଶ୍, ବିଜୟ, ସ୍ୱନ୍ଦନ, ଯୋଗେଶ, ପ୍ରକାଶ, ଅମିତ୍ ମନ୍ତ୍ରୀ, ଦେବ ପ୍ରକାଶ ଦୋରା ସମେତ ଅନ୍ୟାନ୍ୟ ସଦସ୍ୟ ଏବଂ ଶିବିର ସ୍ଥଳ ମୋହିନୀ ହୋଟେଲ ତଥା ବିଜୁ ମୁନ୍ଦ୍ରାଙ୍କ ବିଶେଷ ଯୋଗଦାନ ରହିଥିଲା । ରାଜେଶ ପାଢ଼ୀ, ସନ୍ଦୀପ ଆସ୍ତି ଏବଂ ପ୍ରଶାନ୍ତ ନନ୍ଦ ମଧ୍ୟ କାର୍ଯ୍ୟକ୍ରମ ରେ ଯୋଗ ଦେଇ ରକ୍ତ ଦାତାଙ୍କୁ ସମ୍ମାନିତ କରିଥିଲେ । ରକ୍ତଦାନ ଶିବିରରେ ସମାଜସେବା ତଥା ଝାରସୁଗୁଡ଼ାର ପୂର୍ବତନ ବାର କାଉନସିଲ ଅଧ୍ୟକ୍ଷ ତ୍ରିନାଥ ଗୁଆଲ ଙ୍କ ପାଇଁ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା, ଆଜିର ରକ୍ତଦାନ ଶିବିରକୁ ତାଙ୍କ ପାଇଁ ଉତ୍ସର୍ଗ କରାଯାଇଛି । ଡକ୍ଟର ଯୋଜୋ ଙ୍କ ସହ ବ୍ଲୁଡ଼ ବ୍ୟାଙ୍କର କର୍ମଚାରୀ ମାନେ ବହୁତ ଯୋଗଦାନ କରିଥିଲେ କିରଣ କୁମାର ସାହୁ, ଭବାନୀ ଶଙ୍କର ସୁନ୍ୟାନି, ନିର୍ମଳା ମହାନନ୍ଦ, ଭବାନୀଶଙ୍କର ରାଉତ୍, ଦିଲିପ କୁମାର ବଞ୍ଚୋର୍ ଉପସ୍ଥିତ ରହିଥିଲେ ।

ମଣ୍ଡିରେ ଧାନ ବସ୍ତା ଭିଜି ଯାଇଥିବା ଚାଷୀଙ୍କ ଅଭିଯୋଗ

ନୂଆପଡ଼ା(ନିପ୍ର): ନୂଆପଡା ଜ଼ିଲ୍ଲା ଖଡ଼ିଆଳ ସ୍ଥିତ ବିଜେପୁର ରବି ଧାନ ମଣ୍ଡିରେ ଅର୍ଣ୍ଣଦାତା ଚାଷୀଙ୍କ ବିକଳ ଚିତ୍ର ଦେଖାଦେଇଛି । ଗତକାଲୀ ସନ୍ଧ୍ୟା ରେ ପ୍ରବଳ ବର୍ଷା ହେବା କାରଣ ରୁ ଚାଷୀଙ୍କ ହଜାର ହଜାର ଧାନ ବସ୍ତା ପାଣିରେ ଭିଜି ଗଜା ହୋଇଥିବା କ୍ୟଏକ । ବର୍ଷା ପାଣି ଧାନ ମଣ୍ଡି ରେ ନିଷ୍କାସନ ହୋଇପାରି ନଥିବା କାରଣ ରୁ ପାଖା ପାଖି ୧୦ ହଜାର ରୁ ଉର୍ଦ୍ଧ ଧାନ ବସ୍ତା ଭିଜି ଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଏବେ ଅର୍ଣ୍ଣଦାତା ଚାଷୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି । କଠିଣ ପରିଶ୍ରମ କରି ଧାନ ଫସଲ ଅମଳ କରି ମଣ୍ଡିରେ ଧାନ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରି ପରିବାର ପ୍ରତି ପୋଷଣ କରିବା ଚାଷୀ ଆଶା ବାନ୍ଧିଥିଲା । ସବୁତକ ଆଶା ଫସର ଫାଟି ଯାଇଛି । ଜ଼ିଲ୍ଲା ପ୍ରଶାସନ ଏବଂ ମିଲର ର ଲୁଚକାଲି ଖେଳରେ ବେହାଲ ଚାଷୀ । ଖଡ଼ିଆଳ ବିଜେପୁର ଧାନ ମଣ୍ଡି ଚଳିତ ବର୍ଷ ମଇ ମାସ ୨୦ ତାରିଖରେ ଜ଼ିଲ୍ଲାପାଳ ମଧୁସୂଦନ ଦାସ ଶୁଭାଆରମ୍ଭ କରିଥିଲେ । ହେଲେ ମଣ୍ଡି କୁ ପ୍ରାରମ୍ଭ ରୁ ମିଲର ଠିକ ଭାବରେ ମଣ୍ଡିକୁ ଗାଡି ପଠାଇ ଧାନ ଉଠାଇଲେ ନାହିଁ । ଫଳରେ ଶହ ଶହ ଚାଷୀଙ୍କ ଧାନ ମଣ୍ଡିରେ ଷ୍ଟକ ରହି ଆସି ଆସି ଶେଷରେ ମଣ୍ଡି ବନ୍ଦ ହେବା ବେଳକୁ ପ୍ରାୟ ୬୫ ହଜାର ଧାନ ବସ୍ତା ମଣ୍ଡିରେ ଜମାଟ ବାନ୍ଧି ପଡ଼ିରହିଛି । ଖଡ଼ିଆଳ ବିଜେପୁର ଧାନ ମଣ୍ଡିରେ ୧୧୩୧ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜି କରଣ କରିଛନ୍ତି । ବର୍ତମାନ ଯାଏଁ ମାତ୍ର ୪୪୬ ଜନ ଚାଷୀ ଧାନ ବିକ୍ରି କରିଛନ୍ତି । ବାକିତକ ୬୮୫ ଜଣ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି । ଏହାର କାରଣ ମଣ୍ଡି ରୁ ଧାନ ଉଠାଇବା ପାଇଁ ଆବଶ୍ୟକୀୟ ମିଲର ଗାଡି ପଠାଇଲେ ନାହିଁ । ଜ଼ିଲ୍ଲା ପ୍ରଶାସନ ଏକପ୍ରକାର ହାତ ଟେକି ବସିଛି । ଗତ ୧୬ ତାରିଖ ଦିନ ନୂଆପଡା ଜ଼ିଲ୍ଲାପାଳ ମଣ୍ଡି ପରିଦର୍ଶନ କରି ଚାଷୀଙ୍କୁ ତ୍ରିପଲ ଗ୍ୟାରେଂଟି ଦେଇ କହିଛନ୍ତି ଚଳିତ ଜୁନ ମାସ ୩୦ ତାରିଖ ଶୁଦ୍ଧା ସମସ୍ତ ଚାଷୀ ଙ୍କ ଧାନ ଉଠିଯିବ ବୋଲି ତ୍ରିପଲ ଗ୍ୟାରେଂଟି ଦେଇ ଜ଼ିଲ୍ଲାପାଳ ଚାଷୀ ଙ୍କୁ କହିଥିଲେ ହେଲେ ଜ଼ିଲ୍ଲାପାଳ ଙ୍କ ମିଥ୍ୟା ପ୍ରତିଶ୍ରୁତି ପାଣି ଫୁଟୁକା ପରି ଫାଟିଗଲା ଚାଷୀଙ୍କ ଧାନ ଉଠିଲା ନାହିଁ । ଫଳରେ ଚାଷୀଙ୍କ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେଉଛି ।

ଏସ୍.ଆଇ.ଆର. ସମ୍ପର୍କିତ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବ୍ରହ୍ମପୁର/ଛତ୍ରପୁର(ନିପ୍ର): ଆଭାସୀ ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର) ସମ୍ପର୍କିତ ଏକ ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି. କୀର୍ତି ଭାସନ ଅଧ୍ୟକ୍ଷତା କରି ଏସ୍.ଆଇ.ଆର. କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ । ସେ ଡିଜିଟାଲାଇଜେସନ୍ ଓ ଏ.ଏସ୍.ଡି. ତାଲିକା ପ୍ରସ୍ତୁତି କାର୍ଯ୍ୟରେ ପରିଲକ୍ଷିତ ସାମାନ୍ୟତମ ତ୍ରୁଟିକୁ ତୁରନ୍ତ ସୁଧାର କରିବା ପାଇଁ ସମସ୍ତ ଇ.ଆର.ଓ. ଓ ଏ.ଇ.ଆର.ଓ.ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ କେତେକ ମତଦାନ କେନ୍ଦ୍ରରେ ବି.ଏଲ୍.ଓ.-ବି.ଏଲ୍.ଏ. ବୈଠକର କାର୍ଯ୍ୟବିବରଣୀ (ଗଡଗ) ପ୍ରସ୍ତୁତିରେ ଦୃଷ୍ଟିଗୋଚର ହୋଇଥିବା ତ୍ରୁଟିଗୁଡ଼ିକର ସଂଶୋଧନ କରି ଇ.ଆର.ଓ. ନିଜେ ଅନୁମୋଦନ କରି ସାର୍ଟିଫିକେଟ୍ ଜିଲ୍ଲା କାର୍ଯ୍ୟାଳୟକୁ ଆସନ୍ତାକାଲି ଦିବା ୩ ଟା ସୁଦ୍ଧା ପ୍ରେରଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆଗାମୀ ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଗ୍ରହଣ କରାଯିବାକୁ ଥିବା ଆପତି ଓ ଦାବିପତ୍ରଗୁଡ଼ିକର ଶୁଣାଣି ପ୍ରକ୍ରିୟା ସମ୍ପର୍କରେ ଇ.ଆର.ଓ. ଓ ଏ.ଇ.ଆର.ଓ.ମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ଇ.ଆର.ଓ., ଏ.ଇ.ଆର.ଓ. ଓ ନିର୍ବାଚନ ସମ୍ପର୍କିତ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ ।

ସ୍କୁଲ ପାଠ୍ୟପୁସ୍ତକରେ ବିଭ୍ରାଟ ସଂପର୍କରେ ଆଲୋଚନା ଚକ୍ର

କଟକ(ନିପ୍ର): ସ୍ଥାନୀୟ ଗାନ୍ଧୀ ଭବନଠାରେ ଅଲ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି, କଟକ ଜିଲ୍ଲା ପକ୍ଷରୁ 'ସ୍କୁଲ ପାଠ୍ୟପୁସ୍ତକରେ ଅସଂଖ୍ୟ ଭୁଲ ଏବଂ ଅବୈଜ୍ଞାନିକ ଓ ଅଯୌକ୍ତିକ ବିଷୟବସ୍ତୁ ପ୍ରଚଳନ' ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାରେ ବକ୍ତାମାନେ କହିଥିଲେ ଯେ, ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପୁସ୍ତକ ଗୁଡିକରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ବନାନଗତ, ବ୍ୟାକରଣଗତ ଓ ତଥ୍ୟଗତ ତ୍ରୁଟି ପରିଲକ୍ଷିତ ହୋଇଛି । ଆହୁରି ମଧ୍ୟ ବହୁ ମୌଳିକ ଧାରଣାଗତ ଗୁରୁତର ତ୍ରୁଟି ମଧ୍ୟ ରହିଛି । ଅନେକ ଅବୈଜ୍ଞାନିକ ଓ ଅଯୌକ୍ତିକ ବିଷୟବସ୍ତୁକୁ ସ୍ଥାନିତ କରାଯାଇଛି । ଏପରିକି ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ସଂଶୋଧିତ ତାଲିକାରେ ମଧ୍ୟ ଅସଂଖ୍ୟ ଭୁଲ୍ ରହିଛି । ଏହାଛଡା ବହୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ସେହି ବୟସର ପିଲା ମାନଙ୍କ ପାଇଁ ଅନାବଶ୍ୟକ ବିଷୟକୁ ଭର୍ତି କରାଯାଇ ଜ୍ଞାନାର୍ଜନର ବିଜ୍ଞାନସମ୍ମତ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଧ୍ୱଂସ କରାଯାଇଛି । ଏହି ବିକୃତ, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ବିଭିନ୍ନ ସଂଗଠନମାନଙ୍କ ପକ୍ଷରୁ ଆନ୍ଦୋଳନ ଶକ୍ତିଶାଳୀ ହେବା ଏବଂ ବହୁ ଶିକ୍ଷାବିତ ଓ ବୁଦ୍ଧୀଜୀବୀମାନଙ୍କ ପ୍ରତିକ୍ରିୟା ଫଳରେ ବାଧ୍ୟହୋଇ ସରକାର ଘୋଷଣା କରିଛନ୍ତି ଯେ, ତ୍ରୁଟି ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଂଟ୍ ପେଜ୍ ଓ ପ୍ରିଂଟେଡ୍ କରେକ୍ ?ସନ୍ ସିଟ୍ ଯୋଗାଇ ଦିଆଯିବ । ମାତ୍ର ଏହା ଯେ କେତେଦୂର ଉପଯୋଗୀ ହେବ ତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ସୁଚନାଯୋଗ୍ୟ ଯେ, ଏହି ବହି ଗୁଡିକରେ ଏନ୍‌ସିଆରଟି ଦ୍ୱାରା ପ୍ରକାଶିତ ପାଠ୍ୟକ୍ରମର ଅବିକଳ ନକଲ କରାଯାଇଛି । ଅର୍ଥାତ୍ ସିବିଏସ୍‌ଇ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅବୈଜ୍ଞାନିକ ଓ ଅଯୌକ୍ତିକ ଶିକ୍ଷା ଗ୍ରହଣ କରୁଛନ୍ତି । ସିବିଏସ୍‌ଇ ସମେତ ବିଭିନ୍ନ ଦେଶର ବିଭିନ୍ନ ରାଜ୍ୟ ବୋର୍ଡମାନଙ୍କର ଏହି ଧରଣର ପାଠ୍ୟ ଖସଡା ଜାତୀୟ ଶିକ୍ଷାନୀତି ୨୦୨୦ ଅଧାରରେ ପ୍ରସ୍ତୁତ କରାଯାଉଛି । ଏଣୁ ଯେତିକି ବି ତ୍ରୁଟି ପରିଲକ୍ଷିତ ହୋଇଛି ସେସବୁ ହେଉଛି ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରତିଫଳନ । ଅତଏବ ରୋଗର ମୂଳ କାରଣ ହେଉଛି ଜାତୀୟ ଶିକ୍ଷାନୀତି ୨୦୨୦ । ଏଣୁ ଏହି ଚଳିତ ବର୍ଷ ପାଇଁ ଗତ ବର୍ଷର ପାଠ୍ୟପୁସ୍ତକ ଜରିଆରେ ଶିକ୍ଷାଦାନ କରିବା, ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ପ୍ରକାଶନ କରିବା ଦିଗରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ଏବଂ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ

ମନ୍ଦିରରେ ଭଗବାନ ବୋଲି ବସି ଥିବା ପାଷାଣକୁ ଯଦିଚ ଆମେ ଭକ୍ତି କରୁଛୁ କିନ୍ତୁ ପ୍ରକୃତ ଭଗବାନ ହେଉଛନ୍ତି ଜୀବନ୍ତଧାରୀ ଆତ୍ମାମାନେ ।

ଆଜିକାଲି



ଅତ୍ର ଶୂରାଃ ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଏହି ପାଣ୍ଡବସେନା ମଧ୍ୟରେ ମହାମହା ଧନୁର୍ଦ୍ଧାରୀ ଅଛନ୍ତି, ଯୁଦ୍ଧ କରିବା ବିଷୟରେ ଭୀମ ଓ ଅର୍ଜୁନଙ୍କ ପରି ପ୍ରବଳ ପରାକ୍ରମୀ ବୀରମାନେ ଅଛନ୍ତି, ଆହୁରି ଅନ୍ୟମାନଙ୍କ ମଧ୍ୟରେ ସାତ୍ୟକି, ଦ୍ରୁପଦ, ବିରାଟ ପ୍ରଭୃତି ମହାରଥୀମାନେ ଅଛନ୍ତି ।

ଜଳ ଜୀବନ ମିଶନ

ରାଜ୍ୟରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର କାର୍ଯ୍ୟାନ୍ୱୟନର ଅଗ୍ରଗତି ପାନୀୟ ଜଳ ଓ ପରିମଳ ବିଭାଗର ସଚିବ କରିଛନ୍ତି । ସମୀକ୍ଷା ବୈଠକରେ ଶ୍ରୀ ମୀନା ଜଳ ଜୀବନ ମିଶନରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିର ପ୍ରଶଂସା କରିଥିଲେ । ଜାତୀୟ ଜଳ ଜୀବନ ମିଶନର ଉଦ୍ଦେଶ୍ୟ ଓ ପ୍ରାଥମିକତା ଅନୁରୂପ ରାଜ୍ୟ ସରକାର କାର୍ଯ୍ୟ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଦୀର୍ଘମିଆଦି ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ ପଂଚାୟତଗୁଡ଼ିକୁ ଅଧିକ ସଶକ୍ତ କରିବା, କେନ୍ଦ୍ର ସରକାରଙ୍କର 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ଯୋଗାଣ ଭିତିଭୂମିଗୁଡିକର ପରିଚାଳନା ଦାୟିତ୍ୱକୁ ଶୀଘ୍ର ଗ୍ରାମ ପଂଚାୟତ ଓ ଗ୍ରାମ ଜଳ ଓ ପରିମଳ ସମିତି ଙ୍କୁ ହସ୍ତାନ୍ତର କରିବା ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ଆନୁସଙ୍ଗିକ ସୁବିଧା ସୃଷ୍ଟିକୁ ଅଗ୍ରାଧିକାର ଦେବା ସହ ଅଧିକରୁ ଅଧିକ ଗ୍ରାମକୁ ଓଡିଏଫ ପ୍ଲସ ମଡେଲ ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଗସ୍ତ ଅବସରରେ ଶ୍ରୀ ମୀନା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତ କରି ରାଜ୍ୟରେ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକ ପରେ ସେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍. ଏନ୍., ପାନୀୟ ଜଳ ଓ ପରିମଳ ମିଶନ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ପୁରୀ ଜିଲ୍ଲାର ବିଭିନ୍ନ ପାଇପ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରି କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଥିଲେ । ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଂଚାୟତର ଲୋହାପୁର ପାଇପ ଜଳଯୋଗାଣ ପ୍ରକଳ୍ପ ଓ ଯଶୁଆପୁର ଗ୍ରାମପଂଚାୟତର ସୁବଳପୁର ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡ଼ିକର ଭିତିଭୂମିର ଗୁଣବତା ଦେଖି କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସ୍ଥାନୀୟ ଲୋକଙ୍କ ସହ ମତବିନିମୟ କରି ପ୍ରକଳ୍ପର ସୁଫଳ ଓ ଏହାର ପ୍ରଭାବ ସମ୍ପର୍କରେ ସିଧାସଳଖ ମତାମତ ମଧ୍ୟ ସଂଗ୍ରହ କରିଥିଲେ ।

ସ୍ୱାସ୍ଥ୍ୟ ସଚେତନତା

☐ ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା କ୍ଷତିକାରକ ।

☐ ଖରାଦିନେ ଅଳ୍ପ ତଥା ପୁଷ୍ଟିକର ଏବଂ ତୈଳମୁକ୍ତ ଖାଦ୍ୟ ଖାଇବା ହିତକର ।

☐ ଦେହକୁ ଗରମ କରୁଥିବା ପରିବା ଏବଂ ଫଳ ଯେପରି ବିଭିନ୍ନ ପ୍ରକାରର ଶାଗ, ମୂଳା, ଗୋଲମରିଚ, ପିଆଜ, ରସୁଣ, ବିଟ୍, ସପୁରି, ବାତାପିଲେମ୍ବୁ ଏବଂ ପାଚିଲା ଆମ୍ବ ଖାଆନ୍ତୁ ନାହିଁ । ଏହି ଋତୁରେ ଅବଶ୍ୟ ପ୍ରଚୁର ଆମ୍ବ ମିଳେ । ତେଣୁ ଯଦି ଆମ୍ବ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ଆମ୍ବକୁ ସାରା ରାତି ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳୁ ଖାଆନ୍ତୁ ।

☐ ଶୁଖିଲା ଫଳ ବଦଳରେ ତାଜା ଫଳ ଏବଂ ପରିବା ଖାଇଲେ ଏହି ସମୟରେ ଦେହ ଭଲ ରହିଥାଏ ।

☐ ଖରାଦିନେ ଆପଣ ପାଣିରେ ତୁଳସୀ ପତ୍ର ବା ମଂଜି ପକାଇ ପରେ ତାକୁ ଛାଣି ପିଅନ୍ତୁ । ଏହା ଶରୀରକୁ ଥଣ୍ଡା ରଖିବା ସହ ମନକୁ ବି ତାଜା ରଖିବ ।

☐ ଖରାଦିନରେ ପିଉଥିବା ଜୁସ୍‌ରେ କମ୍ ଚିନି ଏବଂ ଅଧିକ ଫଳ ପକାନ୍ତୁ ।

☐ ସାଲାଡ୍ ନିୟମିତ ଖାଆନ୍ତୁ ।

☐ଖରାଦିନେ ଲେମ୍ବୁପାଣି, ପଇଡ଼ ପାଣି, ଲହୁଣି ମିଶ୍ରିତ କ୍ଷୀର ପିଅନ୍ତୁ

☐ ଏହି ଋତୁରେ ଶର୍କରା ଜାତୀୟ ଖାଦ୍ୟ ଯେମିତି - ମହୁ,ଗୁଡ଼ ଓ ଚିନିଠାରୁ ଦୂରେଇ ରହିବା ଭଲ । ମିଠା ଖାଇବାକୁ ଇଚ୍ଛା ହେଲେ ମିଠା ଫଳ ଖାଆନ୍ତୁ

☐ଅତ୍ୟଧିକ ଗରମ, ରାଗଯୁକ୍ତ, ଲୁଣଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ

☐ ତେଲରେ ଛଣାଯାଇଥିବା ଖାଦ୍ୟ ଯେମିତି ବରା, ସିଙ୍ଗଡ଼ା ବିଭିନ୍ନ ପ୍ରକାର ଚିପ୍ସ, ଭୁଜିଆ ଇତ୍ୟାଦି ଠାରୁ ଗ୍ରୀଷ୍ମରେ ଦୂରେଇ ରହିବା ଭଲ

☐ ଖରାଦିନେ ରାତି ଜଣା ପଡ଼େନାହିଁ । ଲୋକେ ବହୁତ ଡ଼େରିରେ ଶୁଅନ୍ତି । ପୁଣି ଗରମରେ ବି ଭଲ ନିଦ ହୁଏନି । ଅନିଦ୍ରା ରହି ଟିକେ ପରିଶ୍ରମରେ ହାଲିଆ ଲାଗେ, ମାନ୍ଦା, ମାନ୍ଦା ଅନୁଭୂତ ହୁଏ । ତେଣୁ ଯଥେଷ୍ଟ ପରିମାଣରେ ଶୋଇବା ପ୍ରତି ଦୃଷ୍ଟି ଦିଅନ୍ତୁ । ଚା'କଫି କମାଇ ଦିଅନ୍ତୁ । ରାତିରେ ଅଳ୍ପ ଖାଆନ୍ତୁ

☐ ଖରାଦିନେ ସକାଳୁ ଉଠନ୍ତୁ । ସମ୍ଭବହେଲେ ମର୍ଣ୍ଣିଂୱାକ୍‌ରେ ଯାଆନ୍ତୁ । ମର୍ଣ୍ଣିଂୱାକ୍ ଆପଣଙ୍କ ପୂରା ଦିନକୁ ସତେଜ କରିଦେବ ।

ଧରିତ୍ରୀ ଦିବସ

ଆମ ସ୍ୱାସ୍ଥ୍ୟରେ ମାଟି ମାଆ

◆ ବିଜୟ କୁମାର ପୃଷ୍ଟି

'ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ - କହନ୍ତି ସୁଜ୍ଞାନୀ ପଣ୍ଡିତ' । ଏ ହେଉଛି ଭାଗବତ ବାଣୀ । ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଆମ ପିଣ୍ଡ ବା ଶରୀର ସଦୃଶ । ବ୍ରହ୍ମାଣ୍ଡରେ ମାଟି, ପାଣି, ପବନ, ଆଲୋକ, ଆକାଶ ଯେପରି ପରିବ୍ୟାପ୍ତ ଠିକ ସେହିପରି ଶରୀର ମଧ୍ୟରେ ପଂଚ ମହାଭୂତ କ୍ଷିତ-ଅପ-ତେଜ-ମରୁତ-ବ୍ୟୋମ ମଧ୍ୟ ରହିଚି । ଭଗବାନଙ୍କ ସୃଷ୍ଟିରେ ଆମ ଶରୀର ମଧ୍ୟରେ ଥିବା ମାଟି ତତ୍ୱର ସ୍ଥାନ ଏକ ସ୍ୱତନ୍ତ୍ର । ଅଥର୍ବ ବେଦର ଭୂମି ସୂକ୍ତିରେ ଅଛି ମାତା ଭୂମି ପୁତ୍ରୋହଂ ପୃଥିବ୍ୟାଃ ଅର୍ଥାତ୍ ପୃଥିବୀ ହେଉଛି ମାତା ଏବଂ ପୁତ୍ର । ଜଣେ କବିଙ୍କ ଭାଷାରେ ନ୍ତମାଟିରେ ବିଷ ଆକାଶେ ବିଷ, କ୍ଷେତରେ ଫସଲେ ଭରିଲାବିଷ, ରୋଗ ଯାତନାରେ ସତେ ମଣିଷ । ଗଛ ନାହିଁ ବୋଲି ବରଷା ନାହିଁ, ଆଷାଢ଼ ମାସରେ ଫାଟୁଛି ଭୂଇଁ, କଇଁରେ କଇଁ ଆମ ପାଇଁ ମୁଠେ ମାଟି ବି ନାହିଁ ।' ଆଜି ହେଉଛି ଧରିତ୍ରୀ ଦିବସ । ମାଟି ମାଆର ଦିନ । ଜଳ ସହ ଯେପରି ମାଛର ସଂପର୍କ ଆମ ଶରୀର ହିଁ ଠିକ ମାଟି ମାଆର ସଂପର୍କ । ମାଟିକୁ ଆମେ ମାଆ କହୁ । ମାଆ, ତାର ଛୁଆଙ୍କୁ ସୁରକ୍ଷା ଦେବା ସହ ଯତ୍ନ ସହକାରେ ହୃଷ୍ଟପୁଷ୍ଟ କରି ବଢ଼ାଇଥାଏ । ଠିକ୍ ସେହିପରି ମାଟି ମାଆ ଆମକୁ ବାସ ଯୋଗାଇଥାଏ, ବର୍ଷା ସୃଷ୍ଟି କରି ଚାଷକରି ଫସଲ, ପନିପରିବା, ଫଳମୂଳ ଇତ୍ୟାଦି ଉତ୍ପାଦନ ରି ଖାଦ୍ୟ ଯୋଗାଇଥାଏ ଏବଂ ଶେଷରେ ଶରୀରର ପୁଷ୍ଟି ସାଧନ କରିଥାଏ । ରାସ୍ତାଘାଟରେ ବଡ଼ ବଡ଼ ଗଛ ଲାଗିଥିବାରୁ ଶୀତଳତା ପ୍ରଦାନ କରେ । ସବୁଠୁ ବଡ଼ ମହତ୍ୱପୂର୍ଣ୍ଣ ବିଷୟ ହେଲା, ଆମ ଶରୀରରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଏହି ବୃକ୍ଷ ହିଁ ଗ୍ରହଣ କରେ ଏବଂ ତା ପରିବର୍ତେ ଆମ ଜୀବନ ବଂଚାଇବାକୁ ପ୍ରଚୁର ଅମ୍ଳଜାନ ବିନା ମୂଲ୍ୟରେ ବାଂଟି ଚାଲେ । ମାଆ ଗର୍ଭରୁ ଗୋଟିଏ ମାଟି ପିଣ୍ଡୁଳା ହୋଇ ଜନ୍ମ ହୋଇ ଏନ୍ତୁଡ଼ିଶାଳରେ ରହିଥାଏ ଏବଂ ଜୀବନ ଚାଲିଗଲା ପରେ ମଧ୍ୟ ସେଇ ଜୁଇରେ ବିଲୀନ ହୋଇ ଶେଷରେ ମାଟିରେ ମିଶିଥାଏ । ତେଣୁ ଯଥାର୍ଥରେ ମାଟିକୁ ମାଆ ବୋଲି ସମ୍ବୋଧନ କରାଯାଇଛି ।

ସେଥିପାଇଁ ଏହି ମାଟିକୁ ପୃଥିବୀ ତତ୍ୱ କୁହାଯାଏ । ତାହାହେଲେ ଏହି ମାଟିର ଆମ ସ୍ୱାସ୍ଥ୍ୟ ସହ ସଂପର୍କ କ'ଣ ? ମାଟି ଦ୍ୱାରା ଆମ ଶରୀର କେତେ ଉପକାର ପାଇଥାଏ । ଆପଣ ମାନେ ଜାଣିଥିବେ କେତେକ ଦେଶରେ ଯଥା ଅଷ୍ଟ୍ରେଲିଆ, ନେପାଳ, ଦକ୍ଷିଣ କୋରିଆରେ ଅନ୍ତର୍ଜାତୀୟ ମାଟି ଦିବସ ପାଳନ କରାଯାଏ । କାରଣ ପ୍ରତ୍ୟେକ ଦେଶର ପିଲାମାନେ ଜୁନ ୨୯ ତାରିଖ ଦିନ ବିଭିନ୍ନ ସ୍ଥାନରେ ମାଟିରେ ବିଭିନ୍ନ ଖେଳ ଖେଳି ଥାଆନ୍ତି । ପଙ୍କ କାଦୁଅରେ ବୁଡ଼ି ମଜା ନେବାର ଆନନ୍ଦ ପାଆନ୍ତି । ଏହାଦ୍ୱାରା ଚର୍ମରୋଗ ହୋଇ ନଥାଏ । ଏହି ମାଟିରେ ଅଛି ଅରୋଗ୍ୟକାରୀ ଶକ୍ତି, ରୋଗର ଶୋଷଣ କ୍ଷମତା, ଚୁମ୍ବକୀୟ ଗୁଣ ଜୀବନୀ ଶକ୍ତି, ଦୁର୍ଗନ୍ଧ ନିବାରଣ ଶକ୍ତି, ପୋଷକ ତତ୍ୱ, ସୁଗନ୍ଧର ଅଦ୍ଭୁତ ଗୁଣ, ମୂଲ୍ୟବାନ ରସାୟନ ତତ୍ୱ, ବନଷ୍ପତି ଔଷଧିୟ ଗୁଣ, ଧାର୍ମିକ ଗଙ୍ଗା ମାଟି ପରି ପବିତ୍ରତା ଭରପୁର ହୋଇ ରହିଛି । ଏଥିସହିତ କ୍ଷାରୀୟ, ଲବଣ, ଭିଟାମିନ, ଖଣିଜ ଧାତୁ ଇତ୍ୟାଦି ମଧ୍ୟ ରହିଛି । ବର୍ତମାନ ଦେଖିବା ପ୍ରକୃତର ଏହି ମାଟି ମାଆ ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଚିକିତ୍ସାରେ ବ୍ୟବହୃତ ହୋଇପାରୁଛି । ଶରୀରର ଯାବତୀୟ ଚର୍ମରୋଗ ଯଥା କାଛୁ କୁଣ୍ଡିଆ, ବଥ, ଏକଜିମା, ଆଖି ପତାର କଳାଦାଗ, ଦାନ୍ତମାଢ଼ି ରୋଗ, ମୂତ୍ରାଶୟ ରୋଗ, ପେଟର ଯାବତୀୟ ରୋଗ ଯଥା କୋଷ୍ଠକାଠିନ୍ୟ, ମେଦ ବୃଦ୍ଧି, ସ୍ନାୟୁ ଦୁର୍ବଳ ଇତ୍ୟାଦି ମାଟି ଚିକିତ୍ସା ଦ୍ୱାରା ସୁଫଳ ମିଳିଥାଏ । କାରଣ ଏହାର କଳାରଙ୍ଗ ସୂର୍ଯ୍ୟଙ୍କ ସବୁ ରଙ୍ଗକୁ ଅବଶୋଷିତ କରି ମନୁଷ୍ୟ ଶରୀରରେ ପ୍ରବାହିତ କରେ । ଏହା ଶରୀରରେ ଲେପନ କଲେ ଶୀତଳତା ପ୍ରଦାନ କରେ । ସବୁଠୁ ବଡ଼ କଥା ହେଲା ମାଟି ଶସ୍ତା ଏବଂ ସହଜରେ ମିଳିଥାଏ । ପ୍ରାକୃତିକ ଚିକିତ୍ସାରେ ମାଟି ପଟି ବିଭିନ୍ନ ସ୍ଥାନରେ ଦିଆଯାଏ ଏବଂ ସଂପୂର୍ଣ୍ଣ ଶରୀରରେ ମାଟି ସ୍ନାନ କରାଯାଏ । ଗାନ୍ଧିଜୀ ନିଜେ ନିଜର କୋଷ୍ଠବଦ୍ଧତା ପାଇଁ ପେଟରେ ମାଟିପଟି ଦେଇ ପେଟ ସଫା କରୁଥିଲେ । ଏହି ମାଟି ଚିକିତ୍ସା ପାଇଁ ଚିକିଟା ମାଟି, ନାଲି ମାଟି ଏବଂ ସବୁଠୁ ଫଳପ୍ରଦ ହେଉଛି ଉଇହୁଙ୍କା ମାଟି । ପ୍ରଥମେ ଫୁଟେ ଦୁଇଫୁଟ ତଳୁ ଖୋଳି ମାଟି ସଂଗ୍ରହ କରାଯାଏ । ଚାଲୁଣିରେ ଚଲାଇ ଗୋଡି ମାଟି ସଫାକରି ପାଣିରେ ଭିଜାଇ ଖରାରେ ଶୁଖାଇ ଦେବ । ପ୍ରାୟ ୨/୩ ଦିନ ଶୁଖିଲା ପରେ ପୁଣିଥରେ ଥଣ୍ଡା ପାଣିରେ କାଦୁଅ ଭଳି ଗୁଳା କରି ସାଇତ ରଖାଯାଏ । ଯେତେବେଳେ ଦରକାର ତାହା ବ୍ୟବହାର କରାଯାଏ । ହଁ, କେତୋଟି ସାବଧାନତା ଅବଲମ୍ବନ କରିବା ଜରୁରୀ । ରୋଗ ପାଇଁ ବ୍ୟବହୃତ ମାଟି କେବଳ ଥରେ ମାତ୍ର ବ୍ୟବହାର କରାଯାଏ । ମାଟିକୁ ବିଶୋଧନ ନକରି ବ୍ୟବହାର କରିବା କ୍ଷତିକାରକ । ରୋଗୀ ମାଟି ପଟି ଚିକିତ୍ସାରେ ଥଣ୍ଡା ଅନୁଭବ କଲେ ତୁରନ୍ତ ଚିକିତ୍ସା ବନ୍ଦ କରି ଗରମ ସେକ ଦେବା ଉଚିତ । ଖାଇବା ପୂର୍ବରୁ ତଳି ପେଟରେ ମାଟିପଟି ନିଆଯାଏ । ସବୁଠୁ ଉଚିତ ହେଉଛି ଜଣେ ଚିକିତ୍ସକଙ୍କ ପରାମର୍ଶ ନେବା ଭଲ ।

ସମ୍ପାଦକ, ନିରାମୟ, କଟକ:
୯୮୬୧୪୬୪୯୩୨

ଆମ ପରିବେଶ ସଫା ରଖିବା ସୁସ୍ଥ ସବଳ ହୋଇ ବଂଚିବା

ସଂପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହି ପାରିବା । ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ । ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି । ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ । ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି । ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ । ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି । ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ । ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ । ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତବ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ । ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର । ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ । ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ । ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ । ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ । ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ । ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ୍ୟ ଦୁର୍ଗନ୍ଧ ହେତୁ ଯାଇ

ହୁଏନାହିଁ । ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି । କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ'ଣ ପାପ ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ'ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ । ଖୋଦ ଆମ ଘର କଥା ଦେଖାଯାଉ । ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ । ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ । ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି । ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ । ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଗେ ଛାତ୍ରଛାତ୍ରୀ ମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ୍ୟ ସଫା କରୁଥିଲେ । ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା । ବର୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ । ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ? କଥାରେ ଅଛି - ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ । ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ । ସେଇ ପୋଖରୀ ପାଣିରେ ଗାଈଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକ ମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି । ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ୍ୟ ସେ ପାଣି ମଧ୍ୟ ବ୍ୟବହାର କରନ୍ତି । ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ । ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ । ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ । ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ୍, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ । କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟା

ଦେବସ୍ନାନ ପୂର୍ଣ୍ଣିମା

◆ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

'ସ୍ନାନ ମଣ୍ଡପ' ଜଗନ୍ନାଥ ମନ୍ଦିରର ଆନନ୍ଦ ବଜାର (ଯେଉଁଠାରେ ମହାପ୍ରସାଦ ବିକ୍ରୟ ହୁଏ) ନିକଟରେ ଅବସ୍ଥିତ । ଏହାର ଦୈର୍ଘ୍ୟ ପ୍ରସ୍ଥ ୭୫ ଫୁଟ । ଏହା ଉପରେ ଜଗନ୍ନାଥ ବଳଭଦ୍ର ପ୍ରଭୃତି ବିଗ୍ରହମାନଙ୍କରେ ବସିବା ପାଇଁ ସିଂହାସନ ନିର୍ମାଣ କରାଯାଇଛି । ସିଂହାସନକୁ ଯିବାକୁ ବେଦୀ ଉପରେ ପୃଥକ ପାହାଚମାନ ଅଛି । ସେହିପରି ମଣ୍ଡପ ଉପରକୁ ଆନନ୍ଦ ବଜାରରୁ ଯିବାକୁ ଉ□ର ଓ ଦକ୍ଷିଣ ଦିଗରେ ପାହାଚମାନ ଅଛି । ଏହି ମଣ୍ଡପଟି ଅତ୍ୟନ୍ତ ଉଚ୍ଚ ହୋଇଥିବାରୁ ଅନେକ ତଳରେ ଥିବା ସିଂହଦ୍ୱାରର ଯେ କୌଣସି ଅଂଶରୁ ପୁରା ମଣ୍ଡପଟି ଦେଖାଯାଇ ପାରିବ । କେବଳ ରଥଯାତ୍ରାରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରୁ ବାହାରି ବିଜେ ହୋଇ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେ ସମସ୍ତଙ୍କୁ ଦେଖାଦିଅନ୍ତି ତାହା ନୁହେଁ, ଏହି ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ବେଷ୍ଟନୀ ମଧ୍ୟରେ ଥାଇ ସୁଦ୍ଧା ସେହିପରି ସମସ୍ତଙ୍କୁ ଦର୍ଶନ ଦିଅନ୍ତି ଶ୍ରୀଜଗନ୍ନାଥ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଗ୍ରହ ନୁହନ୍ତି । ଏହି ଚତୁର୍ଦ୍ଧା ମୂର୍ତ୍ତିରେ ସକଳ ପ୍ରକାର ଦାର୍ଶନିକ ଚିନ୍ତା ଓ ଚୈତନ୍ୟ ତଥା ବିବିଧ ଧର୍ମ ଧାରଣର କେବଳ ସମନ୍ୱୟ ହୋଇନି, ମିଳନ ମଧ୍ୟ ଘଟିଛି । ସେହି ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା, ଶ୍ରେଷ୍ଠତମ ମାନବ ଧର୍ମର ପ୍ରଚାର କରୁଛି । ସେହି ରଥଯାତ୍ରାର ପ୍ରାରମ୍ଭରୁ ହେଉଥିବା ଦେବସ୍ନାନ ପୂର୍ଣ୍ଣିମା ଯାତ୍ରାର ତାତ୍ପର୍ଯ୍ୟ ବେଶ ଅଧିକ । ନୀଳାଦ୍ରି ମହୋଦୟ ଜଗନ୍ନାଥ ମନ୍ଦିରରେ ନୀତି ସମ୍ବନ୍ଧୀୟ ଧର୍ମ ପୁସ୍ତକରେ ଉଲ୍ଲେଖ ଅଛି ଯେ, ଶ୍ରୀଜଗନ୍ନାଥ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ । ନୈଷଧ କାବ୍ୟରେ ମଧ୍ୟ କବି ଶ୍ରୀହର୍ଷ ଏହି ସ୍ନାନୋତ୍ସବ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଠାରୁ ଭାରତ ଭୂମିର ସମସ୍ତ ତୀର୍ଥ ସମାଗତ ହୁଅନ୍ତି ଶ୍ରୀକ୍ଷେତ୍ରରେ ତାହା ପୁଣି ସୁନା କୂଅରେ ଯାହାକି ବଡ଼ ଦେଉଳର ଉତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ଅବସ୍ଥିତ । ଏହି ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ସୁନା ଗୋସାଇଁ ଓ ମୁଦିରଥ ୧୦୮ ଗୋଟି ନୂତନ କୁମ୍ଭରେ ଜଳ ଗରାବଡୁ ସେବକମାନଙ୍କ ଦ୍ୱାରା ଅଣାଇ ଭୋଗ ମଣ୍ଡପରେ ଅଧିବାସ କରି ରଖିଥାନ୍ତି । ଘଟୁଆରି ଚନ୍ଦନ ଘୋରି କର୍ପୂର, କେଶର ଓ ଗୁଆ ଇତ୍ୟାଦି ଏହି ଜଳରେ ମିଶାଇ ଏହାକୁ ଅତ୍ୟନ୍ତ ସୁଗନ୍ଧିତ କରିଥାଆନ୍ତି । ଗରାବଡୁ ମାନେ ୧୦୮ କୁମ୍ଭ ଉପରେ ୧୦୮ଟି ନଡ଼ିଆ ଓ ୧୦୮ ଖଣ୍ଡି କରିଆ ରଖନ୍ତି । ତେଣୁ ଏହି ପର୍ବ ରାତିରେ ବଡ଼ ସିଂହାର ପରେ ଠାକୁର ମାନଙ୍କର ପହୁଡ଼ କରାନଯାଇ ଶ୍ରୀମୁଖରେ ଖଂଟୁଆ ପକାଯାଏ । ଅର୍ଥାତ୍ ମୁହଁରେ ଲୁଗା ଘୋଡ଼ାଇ ଦିଆଯାଏ । ପରେ କୋଠ ସୁଆଁସିଆମାନେ ଠାକୁରମାନେ ରତ୍ନସିଂହାସନରୁ ବିଜେ କରିବା ପାଇଁ କଳାହାଟ ଦୁଆର ଠାରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଚାରମାଳ ବାନ୍ଧନ୍ତି । ପୂର୍ବରୁ ସେମାନେ ମଧ୍ୟ ସ୍ନାନ ମଣ୍ଡପରେ ଚାନ୍ଦୁଆ ଇତ୍ୟାଦି ବାନ୍ଧି ସାଜସଜା କରିଥାଆନ୍ତି । ପୂର୍ଣ୍ଣିମା ଦିନ ସକାଳୁ ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି । ପରେ ପରେ ଘଂଟ□ କାହାଳୀ ଓ ବାଦ୍ୟ ବାଜି ଉଠେ । ଛତିତରାସ ଇତ୍ୟାଦି ଧରାହୁଏ । ଅପୂର୍ବ ବାଦ୍ୟ ଶବ୍ଦ ସାଙ୍ଗକୁ ଅପୂର୍ବ ଦୃଶ୍ୟ ପରିବେଶରେ ଉଦ୍‌ଭାସିତ ହୋଇଉଠେ । ଭକ୍ତର ହୃଦୟ କନ୍ଦରର ଆକାଂକ୍ଷିତ ପହଣ୍ଡି ବିଜେ ଆରମ୍ଭ ହୁଏ । ଏହି ଦିନ ଧାଡ଼ି ପହଣ୍ଡି ହୁଏ । ଗୋଟି ପହଣ୍ଡି ନୁହେଁ । ବିଗ୍ରହମାନେ ଜଣକ ପରେ ଜଣେ ଏକାଠି ବିଜେ ହେଲେ ଧାନି ପହଣ୍ଡି କହନ୍ତି । ତିନିଜଣ ପୂଜା ପଣ୍ଡା ଷୋଡ଼ଶ ଉପଚାରରେ ପୂଜା ସାରିବା ପରେ ଗରାବଡୁମାନେ ରୂପା ପିଙ୍ଗଣ ଧରିଥିବା ତିନିଜଣ ମେକାପଙ୍କୁ ଜଳ ଦିଅନ୍ତି । ଏହି ପିଙ୍ଗଣରୁ ଜଳନେଇ ପୂଜା ପଣ୍ଡାମାନେ ଠାକୁରମାନଙ୍କୁ ଲାଗି କରନ୍ତି । ଏତେବେଳେ ମଧ୍ୟ ଉଚ୍ଚାରିତ ମନ୍ତ୍ର ଧ୍ୱନି ସହ ଘଂଟା କାହାଳୀ ବାଜୁ ଥାଏ । ଜଳ ଲାଗି ସରିଗଲେ, ଲେଙ୍କା ଓ ପାଇକ ମାନେ ସେହିପରି ବାଦ୍ୟ ବଜାଇ ଗୋପାଳତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ହାତୀବେଶ ଆଣନ୍ତି । ଅନ୍ୟ ଦୁଇ ଠାକୁରଙ୍କ ପାଇଁ ଏହି ବେଶ୍ ଆସେ ରାଘବ ଦାସ ମଠରୁ । ବିଗ୍ରହମାନେ ଗଜାନନ ବେଶ ପରେ ପୁଷ୍ପାଳକ ମାନେ ପୁଷ୍ପ ଲାଗି କରନ୍ତି ।

ସ୍ନାନ ପୁନେଇଁ

◆ ରାମଚନ୍ଦ୍ର ବେହେରା

ସ୍ନାନ ପୁନେଇଁର ଶୁଭ ଆଗମନେ
ହସୁଛି ଶିରୀମନ୍ଦିର
ଚତୁର୍ଦ୍ଧା ମୂର୍ତ୍ତିଂକ ଦିବ୍ୟ ସ୍ନାନ ବିଧି
ବାଂଟିବ ଖୁସି ଅପାର ।
ପ୍ରଭୁ ଜଗନ୍ନାଥ ଭ୍ରାତା ବଳଭଦ୍ର
ଗେହ୍ଲି ଭଉଣୀ ସାଥୀରେ
ପ୍ରଭୁ ସୁଦର୍ଶନ ବିଧି ଅନୁରୂପ
ସ୍ନାନ କରିବେ ଖୁସିରେ ।
ଏକ ଶତ ଆଠ କଳସୀ ଜଳରେ
[redacted]ଇବେ ପ୍ରଭୁ ବସି
[redacted]ାନନ ବେଶେ
[redacted] ଢାଳିବେ ହସି ।
[redacted] ଆନ୍ତଂକ
[redacted]ହେ ଜନ୍ମଦିନ
[redacted]କ ଦର୍ଶନ
[redacted]ାଏ କୋଟି ପୂଣ୍ୟ ।
[redacted]ର୍ଦ୍ଧା ମୂରତି
[redacted] ହୋଇ ପୀଡିତ
[redacted]ମ କରିବେ
[redacted] ହୋଇବେ ଭକ୍ତ ।
[redacted]ରନାଥଂକୁ
[redacted]କରିବେ ଭକ୍ତ
[redacted] ଦର୍ଶନେ
[redacted] ପୂଣ୍ୟ ହୁଏ ପ୍ରାପ୍ତ ।
[redacted]ୟ ବଡଦାଣ୍ଡେ
[redacted] ମୂରଲୀଧର
[redacted] ଭଗ୍ନୀ ସହ
[redacted]ଶ୍ରୀଗୁଣ୍ଡିଚା ଘର ।
[redacted]!!!!!!.....
[redacted]ହପୁର,ମୋ-୭୩୫୫୬୩୪୩୪୬

ଦିବ୍ୟ ସ୍ନାନଯାତ୍ରା

◆ହେମନ୍ତ କୁମାର ଗନ୍ତାୟତ

ନୀଳାଚଳ ନାଥ କାଳିଆ ସାଆନ୍ତ
ଭାଇ ଭଉଣୀକୁ ନେଇ
ଜ୍ୟେଷ୍ଠ ପୂର୍ଣ୍ଣିମାରେ ସେବକ ସଙ୍ଗରେ
ଆସନ୍ତି ମନ୍ଦିରୁ ସେହି
ସାତ ପାହାଚରେ ରହି
ଚୂଳ ଟାହିଆରେ ସଜାଇ ହୁଅନ୍ତି
ମଙ୍ଗଳ ଅର୍ପଣ ପାଇ ।।

ଚତୁର୍ଦ୍ଧା ମୁରତି ଧାଡି ପହଣ୍ଡିରେ
ଯାଆନ୍ତି ସ୍ନାନ ମଣ୍ଡପ
ଏକ ପରେ ଏକ ପିଣ୍ଡିରେ ବସନ୍ତି
ହରନ୍ତି ପାପୀଙ୍କ ପାପ
ଲୀଳାମୟ ଲୀଳା ଦେଖି
ଅଧିବାସ ଜଳ ଆଣନ୍ତି ସହଳ
ଚନ୍ଦନ କର୍ପୂର ମାଖି ।।
ଏକଶତ ଆଠ ସୁବାସିତ ଜଳୁ
ପଂଚତିରିଶିଟି ଗରା
ଜଗନ୍ନାଥ ପ୍ରଭୁ ସ୍ନାନ ଯେ କରନ୍ତି
ଆନନ୍ଦିତ ହୁଏ ଧରା
ତେତିଶି ବଳଭଦ୍ରଙ୍କୁ
ବାଇଶି ସୁଭଦ୍ରା ଅଠର ଆଣିଣ
ଢାଳନ୍ତି ସୁଦର୍ଶନଙ୍କୁ ।।
ରାଜ ରାଜେଶ୍ୱର ଜୀବନ୍ତ ଠାକୁର
ମହାପ୍ରଭୁ ଚକାଡୋଳା
ଭକ୍ତଲାଗି ନାଥ ଗଜାନନ ହୁଅ
ବିଚିତ୍ର ତୁମର ଲୀଳା
ଅଧମ ହେମନ୍ତ ମୁହିଁ
ହର ବ୍ରହ୍ମାଙ୍କୁ ଯା ଲୀଳା ଅଗୋଚର
କିପରି ବର୍ଣ୍ଣିବି ସାଇଁ ।

ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ,କବିସୂର୍ଯ୍ୟ ନଗର ୯୮୬୧୩୩୪୮୬୮

ଦେବସ୍ନାନ ଉତ୍ସବ ଓ ଶ୍ରୀଜଗନ୍ନାଥ ସଂସ୍କୃତି

◆ ଡାକ୍ତର ଦୀନବନ୍ଧୁ ମହାରଣା

ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ନାଥ । ତାଙ୍କର ମାନବୀୟ ଲୀଳାଖେଳା ଜଗନ୍ନାଥ ସଂସ୍କୃତିର ଏକ ବିଶିଷ୍ଟ ବିଭବ । ମହାପ୍ରଭୁଙ୍କ ମାନବୀୟ ଲୀଳାର ସ୍ନାନ ଉତ୍ସବ ଏକ ଜ୍ୱଳନ୍ତ ନିଦର୍ଶନ । ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ରାତିରେ ରୁକ୍ମିଣୀ ଓ ଶ୍ରୀକୃଷ୍ଣଙ୍କ ଚତୁର୍ଥୀ ହୋମ ଶେଷ ହୁଏ । ରାତି ଦୁଇଦଣ୍ଡ ଥାଇ ସେମାନଙ୍କ ବିବାହ ଗଣ୍ଠି ଖୋଲାଯାଇ ଶ୍ରୀକୃଷ୍ଣରୂପୀ ଜଗନ୍ନାଥଙ୍କ ନିକଟରେ ସ୍ନାନ ମଣ୍ଡପରେ ଜଗନ୍ନଥଙ୍କ ବାମ ପାର୍ଶ୍ୱରେ ମଦନ ମୋହନଙ୍କୁ ବିଜେ କରାଯାଏ । ଆଷାଢ଼ ଶୁକ୍ଳ ପଂଚମୀ ପର୍ଯ୍ୟନ୍ତ ମହାଲକ୍ଷ୍ମୀଙ୍କୁ ଜଗନ୍ନାଥଙ୍କ ନିକଟରେ ବିଜେ କରାନଯାଇ ଶ୍ରୀମନ୍ଦିରରେ ଭଣ୍ଡାରରେ ଯତ୍ନ ପୂର୍ବକ ରଖାଯାଏ । ଚତୁର୍ଦ୍ଦଶୀ ଦିନ ଉତର ଦ୍ୱାରସ୍ଥ କୂପ ନିକଟରେ ଦିଗ୍‌ଦେବତା, କ୍ଷେତ୍ରପାଳ ଆଦିଙ୍କୁ ପୂଜାପଣ୍ଡା ବଳି ଦିଅନ୍ତି । ଗରାବଡୁମାନେ ସେହି କୂପର ଜଳକୁ ସୁବର୍ଣ୍ଣ, ରୌପ୍ୟ ନତୁବା ଏକଶତ ଆଠଗୋଟି ତମ୍ବା ଗଡୁରେ ପୂରଣ କରନ୍ତି । ଗଡୁର ମୁହଁଗୁଡ଼ିକୁ ଦିବ୍ୟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯାଏ । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେଉଁ ଗୃହରେ ଜଳ ଅଧିବାସ ହେବ ସେହି ଗୃହଟି ସ୍ନାନବେଦୀର ନିକଟରେ ଅବସ୍ଥିତ ହୋଇଥିବ । ତା'ର ଚତୁର୍ଦ୍ୱାର ପତାକାମାଳାରେ ସଜ୍ଜିତ ହୋଇଥିବ । ଚାରିଗୋଟି ପଂକ୍ତିରେ ଗଡୁଗୁଡ଼ିକୁ ଗର୍ଗବଟୁମାନେ ଅଧିବାସ କରନ୍ତି । ପୂଜାପଣ୍ଡା ଗନ୍ଧ କର୍ପୂର ଗଡୁରେ ପକାଇ ଚକ୍ରମୁଦ୍ରା ପ୍ରଦର୍ଶନ କରନ୍ତି ଏବଂ ପାବମାନୀସୁକ୍ତରେ ଗଡୁମାନଙ୍କୁ ସ୍ପର୍ଶ କରାନ୍ତି । ତତ୍ପରେ ଗଡୁଗୁଡ଼ିକୁ ବସ୍ତ୍ରଦ୍ୱାରା ଆଚ୍ଛାଦିତ କରାଯାଇ ଫୁଲମାଳ ଅର୍ପଣ କରାଯାଏ । ପୂର୍ଣ୍ଣିମୀ ଦିନ ଜଗନ୍ନାଥଙ୍କୁ ପୂଜାପଣ୍ଡା, ବଳଭଦ୍ରଙ୍କୁ ମୁଦିରସ୍ତ, ସୁଭଦ୍ରାଙ୍କୁ ପତିମହାପାତ୍ର ବିଧି ଅନୁସାରେ ମଙ୍ଗଳାରୋପଣ କରନ୍ତି । ଗଜପତି ମହାରାଜା କିମ୍ବା ତାଙ୍କ ଅନୁପସ୍ଥିତିରେ ମୁଦିରସ୍ତ ପୃଥକ ପୁଷ୍ପାଞ୍ଜଳି ପ୍ରଦାନ କରନ୍ତି । ଏହାପରେ ଶ୍ରୀଜୀଉଙ୍କ କଟିଦେଶରେ ପଟସୂତ୍ର ବନ୍ଧାଯାଏ । ତାପରେ ପୂଜାପଣ୍ଡା, ମୁଦିରସ୍ତ ଓ ଅନ୍ୟ ସେବକମାନେ ସମସ୍ତେ ସେହି ପାଟଘେରକୁ ଧରି ଚାଳନା କରନ୍ତି । ଶ୍ରୀସୁଦର୍ଶନଙ୍କୁ ପ୍ରଥମେ ସ୍ନାନବେଦୀକୁ ପହଣ୍ଡି କରାଯାଏ, ପରେ ଶ୍ରୀ ବଳଭଦ୍ର, ତା'ପରେ ଦେବୀ ସୁଭଦ୍ରା ଓ ସବା ଶେଷରେ ଶ୍ରୀଜଗନ୍ନାଥ ସ୍ନାନ ବେଦୀକୁ ବିଜେ କରନ୍ତି । ପହଣ୍ଡି ସମୟରେ ଧଳା ଓ କଳା ଛତି ଶ୍ରୀଜୀଉଙ୍କ ଉପରେ ଟଣାଯାଇଥାଏ । ଚାମର ଓ ପଙ୍ଖା ଶ୍ରୀଜୀଉଙ୍କ ପହଣ୍ଡି ସମୟରେ ବ୍ୟବହୃତ ହୋଇଥାଏ । ଚନ୍ଦ୍ରସୂର୍ଯ୍ୟଯୁକ୍ତ ତରାସ ଶ୍ରୀଜୀଉଙ୍କ ଉଭୟ ପାର୍ଶ୍ୱରେ ଥାଏ । ଘଂଟା, ମାଦଳ ଓ ଶଙ୍ଖଧ୍ୱନି ପହଣ୍ଡି କାଳରେ ହୋଇଥାଏ । ଶ୍ରୀଜୀଉଙ୍କ ପହଣ୍ଡି ସମୟରେ କାହାଳୀ ବାଜୁଥାଏ । ଶ୍ରୀଜୀଉମାନଙ୍କ ପହଣ୍ଡି ପଥରେ ତୁଳାଶେଜ ପଡ଼ିଥାଏ । ଶ୍ରୀଜୀଉ ପ୍ରଥମେ ପୂର୍ବାଭିମୁଖ ଓ ଶେଷରେ ଉତରାଭିମୁଖ ହୋଇ ସ୍ନାନ ବେଦୀକୁ ଧୀରେ ଧୀରେ ପହଣ୍ଡି ହୋଇ ଶେଷରେ ପୂର୍ବାଭିମୁଖ ହୋଇ ସ୍ନାନବେଦୀରେ ବିରାଜିତ ହୁଅନ୍ତି । ବେଦୀର ଷୋଳ ଖମ୍ବରେ ଶହେ ଚାନ୍ଦୁଆ ବନ୍ଧାଯାଏ । ସ୍ନାନ ବେଦୀରେ ଶ୍ରୀଜୀଉଙ୍କ ନିତ୍ୟସ୍ନାନ ପ୍ରଥମେ ସମ୍ପନ୍ନ ହୁଏ । ପରେ ଶ୍ରୀଜୀଉଙ୍କୁ ବେଶ କରାଯାଇ ଚାରିପାର୍ଶ୍ୱରେ ଟେରା ବନ୍ଧାଯାଏ । ଜଳଅଧିବାସ ଗୃହକୁ ଯାଇ ପ୍ରତିହାରୀ ବ୍ରହ୍ମା ଗରାବଡୁଙ୍କୁ ସ୍ନାନ ଜଳ ଘଟ ଆଣିବା ପାଇଁ କହନ୍ତି । ଗରାବଡୁମାନେ ମୁଖ ବାନ୍ଧି ଜଳପାତ୍ରମାନ ମଂଚରେ ଚାରିପନ୍ତିରେ ରଖନ୍ତି । ଜଗନ୍ନାଥ ମହାପ୍ରଭୁଙ୍କ ପଂକ୍ତିରେ ୩୫ଘଟ, ବଳଭଦ୍ରଙ୍କ ପଂକ୍ତିରେ ୩୩ଘଟ, ସୁଭଦ୍ରାଙ୍କ ବାଡ଼ରେ ୩୨ଗଡୁ ଓ ସୁଦର୍ଶନଙ୍କ ଅଭିଷେକ ପାଇଁ ୧୮ଗଡୁ ଜଳ ଘଟ ରଖାଯାଏ । ପୂଜାପଣ୍ଡା ତିନିଜଣ ତିନି ବାଡ଼ରେ ଷୋଡ଼ଶ ଉପଚାରରେ ଶ୍ରୀଜୀଉଙ୍କୁ ପୂଜା କରନ୍ତି । ପ୍ରଥମେ ତିନିଗୋଟି କୁମ୍ଭ, ଯେଉଁଥିରେ ୧୦ଭାଗ ଜଳ ଓ ୬ ଭାଗ ଚନ୍ଦନ ଥାଏ, ତାହା ଶ୍ରୀଜୀଉଙ୍କ ପ୍ରଥମେ ଶିରରେ ଅଧେ, ତା'ପରେ ଅଧେ ମୁଖରେ ଓ ସର୍ବାଙ୍ଗରେ ସେହିଜଳ ଧୀରେ ଧୀରେ ଭକ୍ତି ସହକାରେ ଢଳାଯାଏ । ପରେ ଅନ୍ୟ ଜଳସବୁ ଶ୍ରୀଜୀଉମାନଙ୍କ ପ୍ରତିନିମିତ ଶ୍ରୀଅଙ୍ଗମାନଙ୍କରେ ଢଳାଯାଇ ସ୍ନାନ ଶେଷ କରାଯାଏ । ସ୍ନାନଉତ୍ସବ ପରେ ମୁଦିରସ୍ତ ଦିବ୍ୟବସ୍ତ୍ର ଓ ଦୟଣା ଫୁଲମାଳ ଦ୍ୱାରା ଶ୍ରୀଜୀଉଙ୍କୁ ଶୋଭିତ କରାନ୍ତି ଏବଂ ତିନିଥର ପୁଷ୍ପାଞ୍ଜଳି ଅର୍ପଣ କରନ୍ତି । କର୍ପୂର ଆଳତି ନିରାଜନା ଦିଅନ୍ତି ଓ ମଣ୍ଡପ ମାର୍ଜନା କରନ୍ତି । ପରେ ଚନ୍ଦନ ଜଳ ଚାରିପାଖ ପକାନ୍ତି । ଏହି ସମୟରେ ଶ୍ରୀଜୀଉମାନେ ହାତୀବେଶରେ ସଜ୍ଜିତ ହୁଅନ୍ତି । କୁମାରୀ ବେଶରେ ସୁଭଦ୍ରା ଶୋଭିତ ହୁଅନ୍ତି । ଶ୍ରୀଜୀଉଙ୍କ ନିକଟରେ ଷୋଡ଼ଶ ଉପଚାରରେ ନୈବେଦ୍ୟ କରାଯାଏ । ଯଥା ସମୟରେ ତୁଳୀ ଉପରେ ସୁଦର୍ଶନଙ୍କୁ ଦକ୍ଷିଣାମୁଖ କରି ବିଜେ କରାଯାଇ ପତିମହାପାତ୍ରଙ୍କ ଦ୍ୱାରା କର୍ପୂର ନିରାଜନା, ସୁବାଷିତ ଜଳ ଓ ତାମ୍ବୁଲ ସମର୍ପଣ କରାଯାଏ । ପୁଣିଥରେ ଶ୍ରୀଜୀଉମାନେ ଦକ୍ଷିଣାମୁଖ ହୁଅନ୍ତି ଅର୍ଥାତ୍ ଗରୁଡ଼ ସ୍ତମ୍ଭ ନିକଟରେ ବିଜେ ହୁଅନ୍ତି । ସେଠାରେ ପୂର୍ବପରି ସୁଦର୍ଶନଙ୍କୁ କର୍ପୂର ଆଳତି କରାଯାଏ । ଶ୍ରୀଜୀଉମାନଙ୍କୁ ଶେଷରେ ଅନବସର ଗୃହରେ ୧୫ଦିନ ବିଜେ କରାଯାଏ । ଅନବସର ଗୃହ ଆରପଟେ ଅର୍ଥାତ୍ ବାଉଁଶ ତାଟି ଆରପଟେ ବଳରାମଙ୍କ ସ୍ୱରୂପ ଶଙ୍ଖ, ଚକ୍ର, ହଳ, ମୂଷଳ ଧାରଣ କରି ଶୁଭ୍ରବର୍ଣ୍ଣ ପଟ ରଖାଯାଏ । ପୀତବର୍ଣ୍ଣା ପଦ୍ମାସନା ଚୁର୍ଭୁଜା (ଦୁଇ ହସ୍ତରେ ପଦ୍ମ ଧରିଥିବା ଓ ଅନ୍ୟ ଦୁଇ ହସ୍ତ ବରାଭୟଯୁକ୍ତ ମୁଦ୍ରାରେ ଥିବା) ପଟଚିତ୍ର ସୁଭଦ୍ରା ଭାବରେ ପୂଜିତ ହୁଅନ୍ତି । ଶଙ୍ଖ,ଚକ୍ର, ଗଦା, ପଦ୍ମଧାରୀ ଶ୍ରୀବତ୍ସ କୌସ୍ତୁଭ ବନମାଳ ଶୋଭିତ ଜଗନ୍ନାଥ ପଟ ଅନ୍ୟ ପାର୍ଶ୍ୱରେ ରଖାଯାଏ । ସେହିଠାରେ ଲମ୍ବା କାଠ ଆସନ ଉପରେ ବଳରାମ ଚିତ୍ରଙ୍କ ନିକଟରେ ରାମ, ନୃସିଂହ, ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ଦକ୍ଷିଣଘରୁ ବିଜେ କରି ଆଣି ସ୍ଥାପନ କରାଯାଏ । ସୁଭଦ୍ରାଙ୍କ ନିକଟରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ସ୍ଥାପନ କରାଯାଏ । ଜଗନ୍ନାଥଙ୍କ ନିକଟରେ ଶ୍ରୀକୃଷ୍ଣ, ଶ୍ରୀମଦନମୋହନଙ୍କୁ ବିଜେ କରାଯାଏ । ସୁଦର୍ଶନ ସ୍ୱରୂପ ନାରାୟଣ ଦୋଳଗୋବିନ୍ଦଙ୍କୁ ସ୍ଥାପନ କରାଯାଏ । ପରେ ପ୍ରାଣ ପ୍ରତିଷ୍ଠା କରାଯାଇ ଶ୍ରୀଜୀଉଙ୍କ ମଧ୍ୟାହ୍ନ ଭୋଗ ସମାପ୍ତ କରାଯାଇ ସ୍ନାନ ଉତ୍ସବ ସମ୍ପାଦିତ ହୁଏ । ଶ୍ରୀଜୀଉଙ୍କ ହାତୀ ବେଶ ବା ଗଜ ବେଶ ସମ୍ପର୍କରେ ଏକ କାହାଣୀ ରହିଛି । ପଂଚଦଶ ଶତାବ୍ଦୀରେ ମହାଗାଣପତ୍ୟ ସମ୍ପ୍ରଦାୟର ପଣ୍ଡିତ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ପୁରୀ ଆସିଥିଲେ । ସେ ସ୍ନାନ ମଣ୍ଡପ ନିକଟରେ ପହଂଚି ଶ୍ରୀଜୀଉଙ୍କୁ ଦର୍ଶନ କଲେ । ସେ ଗଣପତିଙ୍କ ଉପାସକ ଥିବାରୁ ଭାବିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ରୂପ ଗଣପତିଙ୍କ ରୂପ ଭଳି ହୋଇଥିବ । ମାତ୍ର ସେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ଯୋଗୁ ଅସନ୍ତୁଷ୍ଟ ହୋଇ ଫେରିଆସୁଥିଲେ । ସେହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେବାୟତ ବେଶରେ ତାଙ୍କ ପାଖରେ ପହଂଚି ପୁଣିଥରେ ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ତାଙ୍କୁ କହିଲେ । ଛଦ୍ମବେଶୀ ସେବାୟତଙ୍କ କଥା ମାନି ଗଣପତି ଭଟ୍ଟ ଅଧାବାଟରୁ ଫେରିଯାଇ ସ୍ନାନମଣ୍ଡପ ପାଖରେ ପହଂଚି ପୁଣି ଦେଖିଲେ ଯେ ସ୍ନାନ ମଣ୍ଡପରେ ତାଙ୍କ ଆରାଧ୍ୟ ଦେବତା ଶ୍ରୀଗଣେଶ ବିରାଜମାନ କରିଛନ୍ତି । ଏହାଦେଖି ସେ ଖୁବ ଭାବବିହ୍ୱଳ ହୋଇପଡ଼ିଲେ ଏବଂ ଭାବିଲେ ଯେ, ଯିଏ ଶ୍ରୀଜଗନ୍ନାଥ, ସେ ହିଁ ଶ୍ରୀଗଣେଶ । ସେବେଠାରୁ ଶ୍ରୀଜଗନ୍ନାଥଙ୍କୁ ସ୍ନାନମଣ୍ଡପରେ ଗଜାନନ ବେଶ ବା ହାତୀ ବେଶରେ ସଜ୍ଜିତ କରାଯାଇଆସୁଛି । ଏହି ହାତୀ ବେଶ ସମ୍ପର୍କରେ ଆଉ କେତେକ ମତ ଦିଅନ୍ତି ଯେ ମହାରାଷ୍ଟ୍ରର ଗଣପତି ଭଟ୍ଟ ଥରେ ପୁରୀ ରାଜାଙ୍କ ଦରବାରକୁ ଆସିଥିଲେ । ସେହି ସମୟରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ଉତ୍ସବ ପୁରୀରେ ପାଳନ କରାଯାଉଥିଲା । ରାଜା ତାଙ୍କୁ ସ୍ନାନ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ କହିଲେ । କିନ୍ତୁ ଗଣପତିଙ୍କ ଉପାସକ ହୋଇଥିବାରୁ ଭଟ୍ଟ ମହାଶୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । କିନ୍ତୁ ରାଜା ତାଙ୍କୁ ବାଧ୍ୟ କରିବାରୁ ସେ ରାଜାଙ୍କ କଥା ଅମାନ୍ୟ ନକରି ସ୍ନାନ ମଣ୍ଡପ ନିକଟରେ ପହଂଚି ସେଠାରେ ଜଗନ୍ନାଥଙ୍କ ପରିବର୍ତ୍ତେ ଗଣେଶଙ୍କୁ ଦର୍ଶନ କରି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କର ଧାରଣା ଦୃଢ଼ ହେଲା ଯେ, ଯିଏ ଜଗନ୍ନାଥ ସିଏ ହିଁ ଗଣେଶ । ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସହିତ କେତେଗୁଡ଼ିଏ ବିଶେଷ ନୀତି ଓ ସେବା ସମ୍ପାଦନ କରାଯାଇ

ମାନବବାଦୀ ହେତୁବାଦୀ ସଙ୍ଗଠନର 'ସାମାଜିକ ବାସନ୍ଦ ଏକ ଅପରାଧ' ଆଲୋଚନା ଚକ୍ର ଅନୁଷ୍ଠିତ

ବ୍ରହ୍ମପୁର(ନିପ୍ର): ମାନବବାଦୀ ହେତୁବାଦୀ ସଂଗଠନ ଗଂଜାମ ଜିଲ୍ଲା ପକ୍ଷରୁ ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟ ପ୍ରାଙ୍ଗଣରେ ସାମାଜିକ ବାସନ୍ଦ ଏକ ଅପରାଧ ବିଷୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ପରିବେଶବିତ ପ୍ରଫୁଲ୍ଲ ସମନ୍ତରାୟ ଓ ପ୍ରଗତିଶୀଳ ଲେଖିକା ବିଧୁପ୍ରଭା ରଥ ମଂଚସୀନ ଥିଲେ । ସମ୍ପାଦକ କେ ନନ୍ଦେଷୁ ସେନାପତି ସଂକ୍ଷେପରେ ସାମାଜିକ ବାସନ୍ଦ ଫଳରେ ବାସନ୍ଦ ହୋଇଥିବା ବ୍ୟକ୍ତି ଓ ପରିବାର କାହା ସହ କଥାବାର୍ତ୍ତା ହୋଇପାରନ୍ତି ନାହିଁ , ପୋଖରୀରେ ଗାଧୋଇବା, କୂଅରୁ ପାଣି ନେବା ମନା, ଦୋକାନରୁ ସଉଦା ନେବା ମନା ସାମାଜିକ କିମ୍ବା ଧାର୍ମିକ କାର୍ଯ୍ୟରେ ଅଂଶ ଗ୍ରହଣ ବନ୍ଦ ଫଳରେ ପୀଡିତ ପରିବାର ଓ ବ୍ୟକ୍ତି ମାନସିକ ନିର୍ଯ୍ୟାତନା ଭୋଗ କରିଥାନ୍ତି । ଗାଁର ଘରଦ୍ୱାର, ସମ୍ପତିବାଡି ଛାଡି ବାହାରେ କିଏ କୋଉଠି ଆଶ୍ରୟ ନିଆନ୍ତି । ଏହି ବ୍ୟବସ୍ଥା ସାଧାରଣତଃ ଗରୀବ ମଧ୍ୟବିତଙ୍କ ଠାରେ ହିଁ ଦେଖାଯାଇଥାଏ ବୋଲି ସଂକ୍ଷିପ୍ତ ସୂଚନା ଦେଇଥିଲେ । ବରିଷ୍ଠ ହେତୁବାଦୀ ତଥା ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ ନିଜ ବକ୍ତବ୍ୟରେ ଗଂଜାମ ଜିଲ୍ଲାରେ ମୂଖ୍ୟତଃ ଗୁଣିଗାରେଡି ଓ ଆନ୍ତଃଜାତି ବିବାହ ପାଇଁ ବହୁ ନିରୀହ ଲୋକ ସାମାଜିକ ବାସନ୍ଦର ଶିକାର ହୋଇଥାନ୍ତି । ଏହା ଏକ ସାଧରଣ ଅପରାଧ ନୁହଁ ବରଂ ପିଡୀତ ବ୍ୟକ୍ତିଙ୍କ ମାନବିକ, ସାମ୍ବିଧାନିକ ଓ ସାମାଜିକ ଅଧିକାରର ଉଲଂଘନ ବୋଲି କହିଥିଲେ । କୂଳ ସମାଜ ନାଁରେ କିଛି ଲୋକ ସାମାଜିକ ବାସନ୍ଦ ଜରିଆରେ ଜାତି ବ୍ୟବସ୍ଥାକୁ ବଂଚେଇ ରଖିବାକୁ ବେଆଇନ ଉଦ୍ୟମ କରିଥାନ୍ତି । ଯୁବକ ଯୁବତୀଙ୍କ ନିଜ ଇଚ୍ଛାରେ ଜୀବନସାଥୀ ବାଛିବାର ଅଧିକାର ଉପରେ ଏହା ଆକ୍ରମଣ । ଏହା ଜରିଆରେ କୂଳ ସମାଜ ଓ ଗାଁର କିଛି ଅସାମାଜିକ ଲୋକେ ବେଆଇନ ଭାବେ ସାଧାରଣ ଲୋକର ଆର୍ଥିକ ଶୋଷଣ କରୁଛନ୍ତି ବୋଲି କହିଥିଲେ । ସାମାଜିକ ବାସନ୍ଦ ଏକ କଳଙ୍କ ଏବଂ ଅମାନବିକ ଅଟେ । ଏଭଳି ବିଶେଷ ଅପରାଧର ନିରାକରଣ ପାଇଁ ସରକାର ସ୍ୱତନ୍ତ୍ର ଆଇନ କରିବା ଜରୁରୀ ବୋଲି କହିଥିଲେ । କେବଳ ମହାରାଷ୍ଟ୍ର ଓ କାର୍ଣ୍ଣାଟକରେ ଏହା ନିବାରଣ ପାଇଁ ଆଇନ ପ୍ରଣୟନ ହୋଇଥିବା ବେଳେ ଓଡ଼ିଶାରେ ସେଭଳି ଆଇନ ନଥିବାରୁ ଏଭଳି ଅପରାଧ ଅବ୍ୟାହତ ରହୁଛି । ଆଲୋଚନା ଚକ୍ରରେ ସାମାଜିକ ବାସନ୍ଦ ବିରୁଦ୍ଧରେ ସର୍ବଭାରତୀୟ ସ୍ତରରେ ଆଇନ ପ୍ରଣୟନ ପାଇଁ ଦାବୀ କରାଯାଇଥିଲା । ନିଜର ଜଣେ ଭାଇ ଆନ୍ତଃଜାତି ବିବାହ କରିଥିବାରୁ ସାମାଜିକ ବାସନ୍ଦର ପୀଡିତ ଯୁବକ ଦାମୋଦର ସେଠି ନିଜର ତିକ୍ତ ଅଭିଜ୍ଞତା ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦବନ ଖଟେଇ, ଶ୍ୟାମସୁନ୍ଦର ଖଡଙ୍ଗା, ଅବନୀ ଗୟା, ଶଙ୍କର ସାହୁ ନିଜ ନିଜର ବାକ୍ତବ୍ୟ ରଖିଥିଲେ । ଛାତ୍ରୀ ତାନ୍ୟା ସାହୁ ଇଖିତ ଏକ କବିତା ପାଠ କରିଥିଲେ । କେ ବାସବରାଜୁ, ଗଣପତି ବେହେରା, ସନ୍ତୋଷ କୁମାର ମିଶ୍ର, ଲକ୍ଷ୍ମୀନୃସିଂହ ରଥ, ମଧୁ ସେଠି, ହାକିମ ଖାଁ, ଜଗନ୍ନାଥ ରାଓ ଆଦି ଆଲୋଚନା ଚକ୍ରରେ ଭାଗ ନେଇଥିଲେ । ଡି.ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱଦେଶୀ ଜାଗରଣ ମଂଚର ଓଡ଼ିଶା ପ୍ରାନ୍ତ ବିଚାରବର୍ଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ

କଟକ(ନିପ୍ର): ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଓଡିଶା ପୂର୍ବ ପ୍ରାନ୍ତ ବିଚାର ବର୍ଗ ପ୍ରଶିକ୍ଷଣ ଶିବିର ଆୟୋଜିତ ଉଦଯାପନନୀ ଉତ୍ସବରେ ତୃତୀୟ ଦିନର ସ୍ୱଦେଶୀ, ସ୍ୱାଭିମାନ, ସ୍ୱାବଲମ୍ବୀ ଭାରତ ବର୍ଗ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବାରବାଟି ଓଲିମ୍ପିକ ଆସୋସିଏସନ ସଭା ଗୃହରେ ତୃତୀୟ ଦିନ କାର୍ଯ୍ୟକ୍ରମରେ ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ରାଷ୍ଟ୍ରବାଦୀ କାର୍ଯ୍ୟକର୍ତାଙ୍କୁ ଅନ୍ତୋଦୟ ବିଷୟ ଉପସ୍ଥାପନ କରି ସମାଜର ଅନ୍ତିମ ପଂକ୍ତିର ଅନ୍ତିମ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ହେଲେ ହିଁ ରାଷ୍ଟ୍ରର ବିକାଶ ସମ୍ଭବ ହେଇପାରିବ ବୋଲି ଉକ୍ତି ଦର୍ଶାଇଥିଲେ । ପ୍ରାକ୍ତନ ଅଖିଳ ଭାରତୀୟ ସଂଯୋଜକ ସ୍ୱଦେଶୀ ଜାଗରଣ ମଂଚର ବରିଷ୍ଠ କାର୍ଯ୍ୟକର୍ତା ସରୋଜ କୁମାର ମିତ୍ର, ଏକାତ୍ମ ମାନବବାଦ୍ ଅଖଣ୍ଡ ମଣ୍ଡଳଆକାର ବ୍ୟାପ୍ତ ଜେନ ଚରାଚର , ଭାରତ ପୃଥିବୀର ଏକ ଅତି ପ୍ରାଚୀନ ସଂସ୍କୃତିର ରାଷ୍ଟ୍ର ଏହାର ପରମ୍ପରା ଆଚାର ବ୍ୟବହାର ଅତି ପ୍ରାଚୀନ ବୋଲି ଦର୍ଶାଇଥିଲେ । ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଦେଶୀ କମ୍ପାନୀ ଛାଡି ସ୍ୱଦେଶ ଆପଣେଇ ଭାରତର ଆର୍ଥିକ ସୁଦୃଢ଼ତା ବଢାଇବା । ନିଜର ବ୍ୟବସାୟ ବାଣିଜ୍ୟ ଅପଣାଇବାକୁ ଆହ୍ୱାନ ଦେଇଥିଲେ । ସ୍ୱଦେଶି ଜାଗରଣ ମଂଚର ପୂର୍ବ କ୍ଷେତ୍ର ସଂଯୋଜକ ଆଶୁତୋଷ ମୁଖାର୍ଜୀ, ସ୍ୱଦେଶୀ ଜାଗରଣ ମଂଚର ସହ ବ୍ୟବସ୍ଥା ପ୍ରମୁଖ ପ୍ରବୋଧ କୁମାର ବଡପଣ୍ଡା, ସ୍ୱଦେଶୀ ଜାଗରଣ ମଂଚ ପ୍ରାନ୍ତ ସମନ୍ୱୟକ ବିଷୟ ରାଉତରାୟ କାର୍ଯ୍ୟକର୍ତା ଦାୟିତ୍ୱ ବୋଧତା ବୁଝିବା ସହ ନିଜ ନିଜ ଅଂଚଳରେ ବ୍ୟାପକ ସ୍ୱଦେଶୀ କାର୍ଯ୍ୟରତ ହେବା ପାଇଁ ଆହ୍ୱାନ ଦେଇଥିଲେ ।

ଜୀବନର ଋତୁଚକ୍ର ପୁସ୍ତକ ଲୋକାର୍ପିତ

କଟକ(ନିପ୍ର): ଓଡ଼ିଆ ଭାଷା ସାହିତ୍ୟର ମୁଖପତ୍ର କାୟାକଳ୍ପ ପକ୍ଷରୁ ଯୁବ କବି ରୋଜାଲିନ ରାଉତରାୟଙ୍କର କବିତା ସଂକଳନ ଜୀବନର ଋତୁଚକ୍ରର ଶୁଭଉନ୍ମୋଚନ ସମାରୋହ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇ ଯାଇଛି । ଲେଖିକା ଜ୍ୟୋତ୍ସ୍ନା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପୋଲିସ ଉପ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ନେତାଜୀ ସୁବାଷ ବୋଷ ଆନ୍ତର୍ଜାତୀୟ ବିମାନ ବନ୍ଦରର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ପ୍ରଭାତ ରଞ୍ଜନ ବେଉରିଆ, ପ୍ରାଧ୍ୟାପିକା ଡକ୍ଟର ରେଖା ପଣ୍ଡା, ଲେଖକ ଡକ୍ଟର ସୁରେନ୍ଦ୍ର କହଁର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଉପରେ ଆଲୋଚନା କରିଥିଲେ । ତ୍ରିଲୋଚନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାରମ୍ଭରେ ଲେଖିକା ନିଜର ଅନୁଭୂତି ରଖିଥିଲେ । ଉପସ୍ଥାପିକା ଶୁଭଶ୍ରୀ ଶତପଥୀ ମଂଚରେ ଉପସ୍ଥାପନା କରିଥିବା ବେଳେ କାୟାକଳ୍ପର ସମ୍ପାଦିକା ସୁପ୍ରଭା ଦାଶ ମଂଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସ୍ୱଦେଶୀ ଜାଗରଣ ମଂଚର ଦୁଇଦିନିଆ ପ୍ରଶିକ୍ଷଣବର୍ଗ ଉଦ୍‌ଯାପିତ

ନବରଙ୍ଗପୁର(ନିପ୍ର): ସ୍ୱଦେଶୀ ଜାଗରଣ ମଂଚ ଓଡିଶା ପଶ୍ଚିମ ପ୍ରାନ୍ତର ଦୁଇଦିନିଆ ପ୍ରଶିକ୍ଷଣ ତଥା ବିଚାରବର୍ଗ ରବିବାର ଉଦ୍‌ଯାପିତ ହୋଇଯାଇଛି । ମଂଚରେ ଅଖିଳ ଭାରତୀୟ ସମ୍ପର୍କ ପ୍ରମୁଖ ଇଂ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ବିକାଶର ଭାରତୀୟ ଅବଧାରଣ ସମ୍ପର୍କରେ ଆଲୋଚନା କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ, ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ସଭାରେ ଯୋଗଦେଇ ଦୈନନ୍ଦିନ ଜୀବନରେ ସ୍ୱଦେଶୀକୁ ଅପଣେଇବା ସହ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ । ଦେଶର ଆର୍ଥିକ ନୀତି, ଗ୍ରାମୀଣ ବିକାଶ, କାର୍ଯ୍ୟକର୍ତାଙ୍କ ଦକ୍ଷତା ବୃଦ୍ଧି, ପରିବେଶ ର ସୁରକ୍ଷା, ସ୍ୱଦେଶୀ ସୁରକ୍ଷା ସ୍ୱାବଲମ୍ବନ ଅଭିଯାନ କାର୍ଯ୍ୟକ୍ରମ ତଥା ସମସ୍ତ ସରକାରୀ ଯୋଜନାର ସଫଳ ରୁପାୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା ଓ ବିଚାର ବିମର୍ଷ ଗତ ଦୁଇଦିନ ଧରି ଚାଲିଥିଲା । ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଜିଲ୍ଲା ମାନଙ୍କରୁ ୧୨୦ କାର୍ଯ୍ୟକର୍ତା ସ୍ୱଦେଶୀ ଜାଗରଣ ମଂଚର ରାଷ୍ଟ୍ରୀୟ ପର୍ଯ୍ୟାବରଣ ପ୍ରମୁଖ ବଂଦେଶଙ୍କର ସିଂହ, କ୍ଷେତ୍ରୀୟ ବିଚାରବିଭାଗ ପ୍ରମୁଖ ରମାକାନ୍ତ ପାତ୍ର, ରାଜ୍ୟ ସଂଯୋଜକ ମନୋରଞ୍ଜନ ରାଉତରାୟ, ସହ ସଂଯୋଜକ ଭୀମସେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ନବରଙ୍ଗପୁର ସାଂସଦ ଇଂ ବଳଭଦ୍ର ମାଝୀ ପ୍ରଶିକ୍ଷଣ ବର୍ଗରେ ଯୋଗଦେଇ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର ସଂଯୋଜନା କରିଥିବା ବେଳେ ମଂଚର ନବରଙ୍ଗପୁର ଜିଲ୍ଲା ସଂଯୋଜକ ପ୍ରଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ସ୍ୱାଇଁ, ସୁବ୍ରତ ମିଶ୍ର, ରିତେଶ ହଲଦାର, ତନ୍ମୟ ପ୍ରଧାନ, ଅଭୟ ପ୍ରସାଦ ଜେନା, ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ(ନିପ୍ର): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ । ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ, ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ । ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳା ର ସହ ସମ୍ପନ୍ନ କରିବାକୁ ପୋଲିସ ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା । ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ଇତ୍ୟାଦିକୁ ସୁଚାରୁ ରୁପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରା ରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ । ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଏସପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଜର ଦାୟିତ୍ୱ କୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କ ରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ । ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ ।

ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଥିବା ରୋଗୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଂଟନ

କଟକ(ନିପ୍ର): ମଙ୍ଗଳାବାଗ ନିକଟସ୍ଥ ମହ୍ଲାସାହିସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଡ୍ରାମାଟିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୧୧ତମ ସେବା କାର୍ଯ୍ୟକ୍ରମ । ଯାହାକି ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଅନୁଷ୍ଠାନ ତରଫରୁ ଏକ ସେବା କାର୍ଯ୍ୟ ଆଂଚଳିକ କର୍କଟ ବିଭାଗର ଅନ୍ତେବାସୀ ରୋଗୀ ମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ଏହି ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହତ କାର୍ଯ୍ୟ ସମ୍ପାଦନ କରାଯାଏ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶାନ୍ତନୁ କୁମାର ଦାସ, ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ମହତ କାର୍ଯ୍ୟ ପାଇଁ ଅନୁଷ୍ଠାନର ଶ୍ରୀଯୁକ୍ତ ବିଜୟ କୁମାର ପାତ୍ରଙ୍କ ବହୁମୂଲ୍ୟ ସମୟ ଦେଇ କାର୍ଯ୍ୟକ୍ରମଟି ଦୁଇଦିନ ଆଗରୁ, ସମସ୍ତ ପ୍ରସ୍ତୁତି ପଥେ ଆଗେଇ ଯାଆନ୍ତି । ଦେବଦ୍ୱିତୀ ସ୍ୱାଇଁ ଓ ଅଭିରାମ ସାହୁ ମହୋଦୟ ତାଙ୍କର ଯୋଗଦାନ ପାଇଁ ଚିର ସ୍ମରଣୀୟ ହେବ । ଅନୁଷ୍ଠାନ କୋଷାଧକ୍ଷ ସୌର ମୋହନ ସାମଲ ସଭାକାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଶାନ୍ତ କୁମାର ପ୍ରହରାଜ, ସୁବ୍ରତ ଦାସ, ମନୋରଞ୍ଜନ ସାମଲ, ମନୋଜ ସାହୁ, ରମେଶ ଚନ୍ଦ୍ର ସାମଲ, ଗଣେଶ ପ୍ରଧାନ, ସଞ୍ଜୟ କୁମାର ସେନାପତି, ଶାନ୍ତିଲତା ମହାନ୍ତି, ସର୍ମ୍ମିତା ସାମଲ, ସର୍ମ୍ମିତା ଦଳେଇ, କୁମାରୀ ନିର୍ମାଲ୍ୟ ପ୍ରିୟଦର୍ଶିନୀ ଗୟା, ଜଗନ୍ନାଥ ଗୟା ଉପସ୍ଥିତ କାର୍ଯ୍ୟକ୍ରମଟିକୁ ସାରଥୀ ହୋଇ ଆଗେଇ ନେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଦୈନ ଭାଇଙ୍କ ପରିଶ୍ରମ ପାଇଁ ଏହି କାର୍ଯ୍ୟକ୍ରମ ଆଗେଇ ପାରିଛି । ଶେଷରେ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସମସ୍ତଙ୍କ ଏହିପରି ସାହାଯ୍ୟ ଲୋଡ଼ିଥିଲେ ।

ଧର୍ମେଶ ଡାନ୍ସ ଏକାଡେମୀରେ ତ୍ରିବେଣୀ ସଙ୍ଗମ : ପାଳିତ ହେଲା ଆନ୍ତଜାତୀୟ ଯୋଗ ଦିବସ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖରିଆଳ ସ୍ଥିତ ଲାଲ୍ ସାହେବ ପଡ଼ାର ପ୍ରସିଦ୍ଧ 'ଧର୍ମେଶ ଡାନ୍ସ ଏକାଡେମୀ' ପରିସରରେ ଗତ ଜୁନ୍ ୨୧ ତାରିଖ ଦିନ ଆନ୍ତର୍ଜାତୀୟ ଯୋଗ ଦିବସ, ବିଶ୍ୱ ସଙ୍ଗୀତ ଦିବସ ଏବଂ ଫାଦର୍ସ ଡେ (ପିତୃ ଦିବସ) ଅତ୍ୟନ୍ତ ଧୁମଧାମ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ଏକାଡେମୀର ୬୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧୦ ରୁ ଅଧିକ କର୍ମଚାରୀ ଓ ଶିକ୍ଷକ ମଣ୍ଡଳୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ମିଳିତ ଭାବେ ସୂର୍ଯ୍ୟ ନମସ୍କାର, ବିଭିନ୍ନ ପ୍ରକାରର ଆସନ ଏବଂ ପ୍ରାଣାୟାମ ପ୍ରଦର୍ଶନ କରି ସୁସ୍ଥ ଜୀବନଶୈଳୀର ବାର୍ତା ଦେଇଥିଲେ । ଏହା ସହିତ ଯୋଗ ଏବଂ ନୃତ୍ୟର ଏକ ସୁନ୍ଦର ସମନ୍ୱୟ (ଡାନ୍ସ ଯୋଗ) ମଧ୍ୟ ପରିବେଷଣ କରାଯାଇଥିଲା, ଯାହାକୁ ନିର୍ଦ୍ଦେଶକ ଧର୍ମେଶ ମେହେର ଏବଂ ବୁଲୁ ବାଗ୍ ମିଳିତ ଭାବେ ପ୍ରସ୍ତୁତ କରିଥିଲେ । ଏହି ଅଭିନବ ପ୍ରଦର୍ଶନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବିଶ୍ୱ ସଙ୍ଗୀତ ଦିବସ ଉପଲକ୍ଷେ ଏକ ସୁନ୍ଦର ମ୍ୟୁଜିକାଲ୍ ପ୍ରୋଗ୍ରାମ୍ ଆୟୋଜିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବାଦ୍ୟଯନ୍ତ୍ରର ଅପୂର୍ବ ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା । ଏଥିରେ ତବଲାରେ ମୁରଲୀ ପଟେଲ ଓ ତାଙ୍କ ଟିମ୍, ବଂଶୀ ବାଦନରେ ବ୍ରହ୍ମା ବାଞ୍ଛୋର ଓ ତାଙ୍କ ଟିମ୍ ଏବଂ ପିଆନୋରେ ଅଜମାନୀ ଓ ତାଙ୍କ ଟିମ୍ ବହୁତ ସୁନ୍ଦର ଓ ଚିତାକର୍ଷକ ସଙ୍ଗୀତ ପରିବେଷଣ କରି ସାରା ପରିବେଶକୁ ସାଙ୍ଗୀତିକ କରିଦେଇ ଥିଲେ । ଏହି ଅବସରରେ ଏକାଡେମୀର ନିର୍ଦ୍ଦେଶକ ଧର୍ମେଶ ମେହେର ଯୋଗ, ସଙ୍ଗୀତ ଏବଂ ଆମ ଜୀବନରେ ପିତାଙ୍କ ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବହୁତ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ସେ କହିଥିଲେ ଯେ ଯୋଗ ଆମ ଶରୀରକୁ ସୁସ୍ଥ ରଖୁଥିବା ବେଳେ ସଙ୍ଗୀତ ମନକୁ ଶାନ୍ତି ଦିଏ ଏବଂ ପିତା ଆମ ଜୀବନର ସବୁଠାରୁ ବଡ଼ ମାର୍ଗଦର୍ଶକ ଅଟନ୍ତି । ଫାଦର୍ସ ଡେ ଉପଲକ୍ଷେ ଛାତ୍ରଛାତ୍ରୀ ଓ ଷ୍ଟାଫ୍ ମାନଙ୍କ ଦ୍ୱାରା ସ୍ପେଶାଲ୍ ଡାନ୍ସ ପରଫର୍ମାନ୍ସ ମଧ

ଝାରସୁଗୁଡ଼ାରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ କାର୍ଯ୍ୟକ୍ରମ ୨୦୨୬'ରେ ଏମ୍.ସି.ଏଲର ଷ୍ଟଲ୍

ସମ୍ବଲପୁର,(ନି.ପ୍ର.): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଗଝଗର) ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଗଉଖ), ଝାରସୁଗୁଡ଼ା ସ୍ଥିତ ଏମ୍.ସି.ଏଲ୍ ଅଡିଟୋରିଅମଠାରେ ଜୁନ୍ ୨୭ ରୁ ଜୁଲାଇ ୧, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ପାଂଚ ଦିବସୀୟ 'ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ କାର୍ଯ୍ୟକ୍ରମ ୨୦୨୬'ରେ ଅଂଶଗ୍ରହଣ କରିଛି ।ଏହି ସମ୍ମିଳନୀରେ ଏମ୍.ସି.ଏଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ପ୍ରଦର୍ଶନୀ କରାଯାଇଛି । ଏଥିରେ ଶିଳ୍ପ ବିକାଶ, ସ୍ଥାୟୀ ଖଣିଜ ଉତ୍ତୋଳନ, କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ଉଝଜ) ଏବଂ ଏମ୍.ଏସ୍.ଏମ୍.ଇ ଗୁଡ଼ିକ ସହ ଭାଗିଦାରୀ କ୍ଷେତ୍ରରେ କମ୍ପାନୀ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଦର୍ଶିତ କରାଯାଇଛି ।ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଏହି ଏମ୍.ସି.ଏଲ୍ ଷ୍ଟଲକୁ ଉଦ୍ ?ଘାଟନ କରିଛନ୍ତି ।ଏହି ମହାସମ୍ମିଳନୀରେ ବୃହତ, ମଧ୍ୟମ, କ୍ଷୁଦ୍ର ଓ ସୂକ୍ଷ୍ମ ଶିଳ୍ପଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୩୦ଟି ଷ୍ଟଲ୍ ସ୍ଥାନ ପାଇଛି, ଯାହା ଶିଳ୍ପ ଜଗତର ପାରସ୍ପରିକ ଆଲୋଚନା, ବ୍ୟବସାୟିକ ସଂଯୋଗ, ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଏବଂ ନୂତନ ସୁଯୋଗ ସୃଷ୍ଟି କରିବ । ଓଡ଼ିଶାରେ ସାମଗ୍ରିକ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଏମ୍.ଏସ୍.ଏମ୍.ଇ ଗୁଡ଼ିକର ବିକାଶରେ ସହଯୋଗ କରିବା ପାଇଁ, ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏମ୍.ସି.ଏଲ୍ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛି ।

ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ

ବାରିପଦା (ନି.ପ୍ର.) ଆଜି ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉ[ାନ୍ସି ଆଣ୍ଡ ମ୍ୟାନେଜମେ[(ଏମସିଏଏମ) ପରିସରରେ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ନିରୋଧ ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି. ମେରା ଯୁବା ଭାରତ ର ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରି ନିଶାଦ୍ରବ୍ୟ କେବଳ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ନୁହେଁ, ଏହା ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ ବିପଦରେ ପକାଇଥାଏ. ଯୁବପିଢ଼ି ସଚେତନ ହେଲେ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଢ଼ି ଉଠିବ. ଏଣୁ ଛାତ୍ରଛାତ୍ରୀଙ୍କୁ ନିଜେ ନିଶାମୁକ୍ତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ. ମୁଖ୍ୟ ବକ୍ତା ଭାବେ ଉପାଧ୍ୟକ୍ଷା ସଙ୍ଗମିତ୍ରା ରାଉତ ଯୋଗଦେଇ ଯୁବପିଢ଼ି ହେଉଛନ୍ତି ଦେଶର ସବୁଠାରୁ ବଡ଼ ଶକ୍ତି. ନିଶାଦ୍ରବ୍ୟ ଠାରୁ ଦୂରେ ରହି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ. ମେରା ଯୁବା ଭାରତର ପୂର୍ବତନ ଜାତୀୟ ସ୍ୱେଚ୍ଛାସେବକ ସାଇରଞ୍ଜନ ଲେଙ୍କା ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ସାମାଜିକ ସଚେତନତା ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ. କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବକ ମାନେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିବା ବେଳେ, ଶେଷରେ ଏନଏସଏସ ସ୍ୱେଚ୍ଛାସେବିକା ଗାୟତ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ରୋଟାରୀ ଗଭର୍ଣ୍ଣରଙ୍କ ଫୁଲବାଣୀ ଗସ୍ତ, ବିଭିନ୍ନ କାର୍ଯ୍ୟର ସମୀକ୍ଷା

କନ୍ଧମାଳ, (ହି.ସ.)- ରୋଟାରୀ ଗଭର୍ଣ୍ଣର ୨୦୨୫ ।୨୬ ରୋଟକ୍ଷରିଆନ ମନୋଜ ତ୍ରିପାଠୀ ଓ ଫାଷ୍ଟ ଲେଡୀ ମଧୁସ୍ମିତା ତ୍ରିପାଠୀ ଫୁଲବାଣୀ ଗସ୍ତରେ ଆସି ସ୍ଥାନୀୟ ନାରାୟଣୀ ରୋଡ ରେ ଥିବା ରୋଟାରୀ କ୍ଲବ ପରିଦର୍ଶନ ରେ ଯାଇ ଚଳିତ ୨୦୨୫ । ୨୬ ବର୍ଷରେ ଫୁଲବାଣୀ ରୋଟାରୀ କ୍ଲବ ର ଆୟ ବ୍ୟୟ ହିସାବ ଓ କ୍ଲବ୍ ପକ୍ଷରୁ କ'ଣ ସବୁ କାର୍ଯ୍ୟ ହାତକୁ ନିଆଯାଇଥିଲା ସେ ସମ୍ପର୍କରେ ସଭାପତି ପ୍ରକାଶ ପଣ୍ଡା ଓ ସମ୍ପାଦକ ବିରଜା ପ୍ରସାଦ ନାହାକଙ୍କ ସହ ଆଲୋଚନା କରିଥିଲେ । କ୍ଲବ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ବସ ବାସ କରୁଥିବା ଗରିବ ଲୋକଙ୍କ ପାଇଁ ଅଧିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ରୋଟାରୀ ଗଭର୍ଣ୍ଣର ମନୋଜ ତ୍ରୀପାଠୀ ଓ ଫାଷ୍ଟ ଲେଡୀ ମଧୁସ୍ମିତା ଫୁଲବାଣୀରେ ପହଂଚିବା ପରେ ତାଙ୍କୁ କ୍ଲବ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ଏହି ଅବସରରେ କ୍ଲବ୍ ପକ୍ଷରୁ ଆୟୋଜିତ ସହରରେ ଥିବା ବାଳକ୍ଷଶ୍ରମ ଠାରେ ଥିବା ୫୦ ଜଣ ଅନ୍ତେବାସୀ ଙ୍କୁ ଖାତା ପେନ୍ସିଲ, ରବର, ବିସ୍କୁଟ, ଚକ୍ଲେଟ ଗାମୁଛା ଆଦି ଗଭର୍ଣ୍ଣର ମନୋଜ ତ୍ରିପାଠୀ ଓ ଅନ୍ୟ ପ୍ରଦାନ କରିବା ସହ ପିଲାଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥିଲେ କ୍ଷ ସେହିପରି ଶକ୍ତି ସଦନ ଯାଇ ସେଠାରେ ଥିବା ନିର୍ଯ୍ୟାତିତକ୍ଷ ମହିଳା ମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ କ୍ଷ ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ୍ ହୋଇପାରିବେ ସେ ନେଇ କକ୍ଷର୍ଯ୍ୟ କରିବା ପାଇଁ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୨୦୨୫/୨୬ ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ରୋଟକ୍ଷରିଆନ ତଥା ଆସିଷ୍ଟାଂଟ ଗଭର୍ଣ୍ଣର ବିପ୍ର ଚରଣ ପାତ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ ଜ୍ଞାନ ଦୋରା,୨୦୨୬/୨୭ବର୍ଷ ସଭାପତି ତଥା ବରିଷ୍ଠ ଆଇନ ଜିବୀ ବିଜୟ ପଟ୍ଟନାୟକ ଓ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ଡି ଅରୁଣା, ଉର୍ମିଳା ପଣ୍ଡା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ । ଏଥି ସହିତ ଆୟୋଜିତ ଏକ ବନ୍ଧୁମିଳନ ସଭାରେ ରୋଟାରୀ ଗଭର୍ଣ୍ଣର ତ୍ରୀପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେବାମୂଳକ କାର୍ଯ୍ୟ ଅଧିକ କରିବା ଦିଗରେ ଅନ୍ତରିକତାର ସହ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଫୁଲବାଣୀ ରୋଟାରୀ କ୍ଲବ କୁ ନିଜେ ବ୍ୟକ୍ତିଗତ ଭାବେ ଯଥା ସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ କ୍ଷ କ୍ଲବ୍ ବରିଷ୍ଠ ସଦସ୍ୟ ରବୀ ସୁବୁଦ୍ଧି, ପଦ୍ମ ଚରଣ ସ୍ୱାଇଁ, ବି ଦେବେନ୍ଦ୍ର ପାତ୍ର, ଶରତ ସୂବୁଦ୍ଧି, ସର୍ବେଶ୍ୱର ମିଶ୍ର ହରିଶ୍ଚନ୍ଦ୍ର ମହାରଣା, ମନୋରଞ୍ଜନ ପଟ୍ଟନାୟକ, ସିମାଚଂଳ ବେହେରା, ନିଳମାଧବ ମିଶ୍ର,ସଦସ୍ୟା ସୁଭ୍ରା ପଟ୍ଟନାୟକ, ସୁନୀତା ନାୟକ ଓ ପରିବାର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

ବାରିପଦା ଓ ବାଲେଶ୍ୱର କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ

ବାରିପଦା(ନି.ପ୍ର.) ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାଲେଶ୍ୱର କ୍ରିକେଟ ଏକାଡେମୀ ଓ ବାରିପଦା କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୧୪ ବର୍ଷରୁ କମ ଖେଳାଳିଙ୍କ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ଓ ଏହି ମ୍ୟାଚରେ ବାଲେଶ୍ୱର ୧ ଉଇକେଟରେ ବାରିପଦାକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ବାରିପଦା ୩୦ ଓଭରରେ ୭ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୬୮ ଓ ବିଶ୍ୱପ୍ରସାଦ ୧୫ ରନ କରିଥିବା ବେଳେ ବିପକ୍ଷ ଦଳର ମାନବ ତାଳଦି ୨ଟି ଓ ଆଶିଷ କାଦରୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ବାଲେଶ୍ୱର ୨୨. ୩ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଆୟୁଷ୍ମାନ ଦାସ ସର୍ବାଧିକ ୪୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ତନ୍ମୟ ୩ଟି ଓ ସଂକେତ ଚାକଲଦାର ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ମିର ଆକବର

ଅଲ୍ଲୀ ଓ ମହମ୍ମଦ ନାଫିସୁଲ ଖେଳ ପରିଚାଳନା କରିଥିବା ବେଳ ତାପସ ଦେ ସ୍କୋରିଙ୍ଗରେ ସହାୟତା ପ୍ରଦାନ କରିଥିଲେ ଓ ଉଭୟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଯୁବ ଖେଳାଳିଙ୍କୁ ମ୍ୟାଚ ଖେଳିବାର ସୁଯୋଗ ଦେବାପାଇଁ ଏହି ଖେଳର ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଦାସ ଓ ପୂର୍ବତନ ରାଜ୍ୟ ସ୍ତରୀୟ ଖେଳାଳି ସାଇବା ସିଂ ଜଣାଇଛନ୍ତି ।

ପ୍ଲାଷ୍ଟିକ ବର୍ଜ୍ୟ ଗଦା କରିବା ଅଭିଯୋଗରେ ହୋଟେଲ ମାଲିକଙ୍କୁ ଜରିମାନା

ନୂଆପଡ଼ା, (ହି.ସ.)- ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମର କଡ଼ାକଡ଼ି ଅନୁପାଳନ ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ଅଭିଯାନ ଅନ୍ତର୍ଗତ ଆଜି ପୂର୍ବାହ୍ନ ୯ଟାରେ ନୂଆପଡ଼ା ବ୍ଲକ ଅଧୀନ ଗୋତମା ଛକ ନିକଟରେ ଥିବା ଏକ ହୋଟେଲ ଉପରେ ଚଢ଼ଉ କରାଯାଇଛି । ଚଢ଼ଉ ସମୟରେ ହୋଟେଲ ନିକଟରେ ଖୋଲା ସ୍ଥାନରେ ଏକ କ୍ୱିଂଟାଲରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ଗଦା କରାଯାଇଥିବା ଜଣାପଡ଼ିଥିଲା । ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ ହୋଟେଲ ମାଲିକ ବିଜୟ କୁମାର ସାହୁଙ୍କ ଠାରୁ ୧୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ଯେ, ଖୋଲା ସ୍ଥାନରେ ପ୍ଲାଷ୍ଟିକ ବର୍ଜ୍ୟ ଫିଙ୍ଗିବା କିମ୍ବା ପୋଡ଼ିବା ଆଇନଗତ ଅପରାଧ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପ୍ରଚଳିତ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ନିୟମ-୨୦୨୬ ଅନୁଯାୟୀ ଏପରି ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ସହ ଆବଶ୍ୟକ କ୍ଷେତ୍ରରେ ବିଦ୍ୟୁତ ଓ ଜଳ ସଂଯୋଗ ବିଚ୍ଛିନ୍ନ କରିବା ସମେତ କଡ଼ା ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଟ୍ରେଜେରୀ ଅଫିସର ମଧୁସ୍ମିତା ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା, ବିଡିଓ ରୋହିତ କୁମାର ଭୋଇ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ପାଣିଗ୍ରାହୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବ୍ଲକ ସଂଯୋଜକ ଅବିନାଶ ମହାପାତ୍ର ଏବଂ ଆମସେନା ଗ୍ରାମ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ବ୍ୟବସାୟୀ, ଅନୁଷ୍ଠାନ ଓ ସାଧାରଣ ଜନତାଙ୍କୁ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମକୁ କଡ଼ାକଡ଼ି ପାଳନ କରିବା ସହ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ନୂଆପଡ଼ା ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି ।

କେନ୍ଦ୍ରାପଡାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟ ବିଜେପି ସଭାପତି

କେନ୍ଦ୍ରାପଡ଼ା :କେନ୍ଦ୍ରାପଡାରେ ଆଜି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବଭନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀ ସାମଲ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସହ ମିଳିତ ଭାବରେ ତରାଣ୍ଡୋ ବଟରେ ଆୟୋଜିତ 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ'ରେ ସାମିଲ ହୋଇ ସ୍ୱଚ୍ଛତାର ବା□ା ପ୍ରଦାନ କରିଥିଲେ । ଏହାପରେ ପୁରୁଣା ବସଷ୍ଟାଣ୍ଡ ଓ ସାନ୍ତସାହି ଦେଇ ସେ କେନ୍ଦ୍ରାପଡ଼ାର ଆରାଧ୍ୟ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ପହ□ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପ୍ରଭାରୀ ଅଶୋକ ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନା, କିଶୋର ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ଉପୀନ ରାଉତ, ମନୀଷା ପଣ୍ଡାଙ୍କ ସମେତ ଜିଲ୍ଲା କାର୍ଯ୍ୟକ□ା ଓ ସମସ୍ତ ମଣ୍ଡଳର କାର୍ଯ୍ୟକ□ାମାନେ ଯୋଗଦେଇ ଥିଲେ ।

ବିଏଲଓ ଏବଂ ବିଏଲଏ ସମନ୍ୱୟ ବୈଠକ ଅନୁଷ୍ଠିତ

ବାରିପଦା(ନି.ପ୍ର.) ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ୩୨-ବଡସାହି(ଏସସି) ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ୫୬ ନଂ ମତଦାନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଦୁଃଖବନ୍ଧୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଓ ବୁଥ ସ୍ତରୀୟ ଏଜେ[(ବିଏଲଏ) ବୈଠକ ଅନୁଷ୍ଠିତ ହୋଇଛି. ବୈଠକରେ ବୁଥ ସ୍ତରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ବିଏଲଓ ଏବଂ ବିଏଲଏ ମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି. କ୍ଷେତ୍ରସ୍ତରରେ ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ, ଯାଂଚ ଏବଂ ନାମାବଳୀରେ ଆବଶ୍ୟକ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା. ବିଶେଷକରି, କୌଣସି ଯୋଗ୍ୟ ମତଦାତାଙ୍କ ନାମ ନିର୍ବାଚନୀ ନାମାବଳୀରୁ ବାଦ ପଡ଼ିବାକୁ ନଦେବା, ନୂତନ ଯୋଗ୍ୟ ମତଦାତାଙ୍କୁ ଅନ୍ତର୍ଭୁକ୍ତ କରିବା, ମୃତ, ସ୍ଥାନାନ୍ତରିତ କିମ୍ବା ଦ୍ୱିତୀୟ ନାମଗୁଡ଼ିକର ଯଥାର୍ଥ ଯାଂଚ କରିବା ଏବଂ ନାମାବଳୀକୁ ସଠିକ ଅପଡେଟ ରଖିବା ଦିଗରେ ବିଏଲଓ ଏବଂ ବିଏଲଏ ମାନଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ମତପ୍ରକାଶ କରିଛନ୍ତି. ବୈଠକରେ ସଂପୃକ୍ତ ବୁଥର ବିଏଲଓ ମୃତ୍ୟୁଞ୍ଜୟ ଦାସ, ବିଏଲଓ ସୁପରଭାଇଜର ସନ୍ତୋଷ କୁମାର ବେହେରା ସମେତ ବିଭିନ୍ନ ରାଜନୈତିକ ଦଳର ବିଏଲଏ ମାନେ ଉପସ୍ଥିତ ଥିଲେ ।

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ମୟୂରଭଞ୍ଜ ଜିଲ୍ଲା ଶାଖା ବୈଠକ

ବାରିପଦା(ନି.ପ୍ର.)ଜିଲ୍ଲାରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ବିକାଶ ତଥା ଓଡିଆ ଅସ୍ମିତାର ସରକ୍ଷା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣର ରୂପରେଖ ପ୍ରସ୍ତୁତ ପାଇଁ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ, ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ, ସ୍ଥାନୀୟ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହ ଠାରେ ୨୭ ଜୁନ ୨୦୨୬ ପୂର୍ବାହ୍ନ ସଦସ୍ୟ/ ସଦସ୍ୟା ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ନେଇ ଏକ ବୈଠକର ଆୟୋଜନ ହୋଇଛି । ସଭାରେ ପ୍ରତିଷ୍ଠାନର ଜିଲ୍ଲା ସଭାପତି ସୁଶ୍ରୀ କାବେରୀ ମିଶ୍ର ପୌରୋହିତ୍ୟ କରିଥିଲେ । ସମ୍ପାଦକ ଅଜୟ କୁମାର ପାଳ ଶ୍ରୀଜଗନ୍ନାଥ ଚେତନା ଗବେଷଣାର ବିକାଶ ଲକ୍ଷ୍ୟ ରଖି ପ୍ରତିଷ୍ଠାନ ବିଶ୍ୱ ସ୍ତରରେ କିଭଳି ନିରନ୍ତର କର୍ତବ୍ୟରତ ସେ ଉପରେ ସୂଚନା ଦେଇଥିଲେ । ପୁରୀ ଶ୍ରୀକ୍ଷେତ୍ରରେ ବିରାଜମାନ ଶ୍ରୀଜଗନ୍ନାଥଙ୍କ ମହିମା ଏବଂ କୈମ୍ବଦନ୍ତିକ କଥାମୃତକୁ ଆଧାର କରି ଜିଲ୍ଲାର ତୃଣମୂଳ ସ୍ତରରୁ ସ୍କୁଲ ଛାତ୍ରଛାତ୍ରୀ ଭିତରେ ଆଗ୍ରହ ସୃଷ୍ଟିର ଆବଶ୍ୟକତା ବିଷୟରେ ବୈଠକରେ ଉତରାଂଚଳ ସଭାପତି ଅଜିତ କୁମାର କାବାଟ, ରାଜ୍ୟ ଉପସଭାପତି ପଦ

ଜୁଲାଇ ୨ରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର: ରାଜ୍ୟକୁ ଏବେ ଦକ୍ଷିଣ ମୌସୁମୀ ବାୟୁ ଗ୍ରାସ କରିଥିବା ବେଳେ, ଅନେକ ସ୍ଥାନରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିରେ ଅତିଷ୍ଠ ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି । ତଥାପି ବର୍ଷା ଦିନ ଭଳି ବଡ ବର୍ଷା ଅନୁଭୂତ ହେଉନାହିଁ, ଗରମ ଏବଂ ଗୁଳୁଗୁଳି ବଜାୟ ରହିଛି । ଗୁଳୁଗୁଳି ଏବଂ ତାତିରେ ଆଉଟୁପାଉଟ ହେଉଛନ୍ତି ଲୋକେ । ହେଲେ ଆସନ୍ତା ଏକରୁ ଦୁଇ ଦିନ ମଧ୍ୟରେ ପାଗରେ ବଡ଼ ପରିବର୍ତନ ଦେଖିବାକୁ ମିଳିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଆକାଶ ମେଘାଚ୍ଛନ୍ନ ରହିବା ସହ ତାପମାତ୍ରା କମିବ ଏବଂ ଗରମରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ । ଆହୁରି ବଢିବ ବର୍ଷା । ଆସୁଛି ବଡ ଲଘୁଚାପ । ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି, ଆସନ୍ତା ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ଆକାଶ ମେଘୁଆ ରହିବ । ଏହାର ପ୍ରଭାବରେ ଦିନର ତାପମାତ୍ରାରେ ଉଲ୍ଲେଖନୀୟ ଭାବେ ହ୍ରାସ ଘଟିବ । ଶନିବାର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲ୍ଲାରେ ବଜ୍ରପାତ, ଘଡ଼ଘଡ଼ି ଓ ବର୍ଷା ହୋଇଥିଲା । ଏହା ମୌସୁମୀ ବାୟୁ ସକ୍ରିୟ ହେବାର ପ୍ରାରମ୍ଭିକ ସଙ୍କେତ ବୋଲି କୁହାଯାଉଛି । ଶରତ ଚନ୍ଦ୍ର ସାହୁଙ୍କ କହିବାନୁସାରେ, ଜୁଲାଇ ୫ କିମ୍ବା ୬ ତାରିଖ ପର୍ଯ୍ୟନ୍ତ ଗରମରୁ ଆଶ୍ୱସ୍ତି ଜାରି ରହିବ । ତେବେ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଥିବାରୁ ଗୁଳୁଗୁଳି ଅନୁଭୂତ ହୋଇପାରେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆସନ୍ତା ୨ ଜୁଲାଇ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ପୂର୍ବରୁ ଜୁନ୍ ୩୦ ସୁଦ୍ଧା ଉତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ପରବର୍ତୀ ସମୟରେ ଲଘୁଚାପରେ ପରିଣତ ହୋଇପାରେ । ପୂର୍ବାନୁମାନ ଅନୁସାରେ, ଜୁଲାଇ ୧ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ । କିନ୍ତୁ ଜୁଲାଇ ୨ରୁ ୮ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ।

ଭାରତ ଆଗରେ ୧୫୫ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଆୟର୍ଲାଣ୍ଡ

ବେଲଫାଷ୍ଟ: ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଶେଷ ମୁକାବିଲା ଆଜି ଖେଳାଯାଉଛି । ବେଲଫାଷ୍ଟର ସିଭିଲ ସର୍ଭିସ କ୍ରିକେଟ କ୍ଲବରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଘରୋଇ ଦଳ ବ୍ୟାଟିଂ କରୁଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରିଛି । ଏଥିରେ ହେରି ଟେକ୍ଟରଙ୍କ ଅର୍ଦ୍ଧଶତକ ସାମିଲ ଅଛି । ଭାରତକୁ ଏହି ମ୍ୟାଚ୍ ବିଜୟୀ ହେବା ପାଇଁ ୧୫୫ ରନ୍‌ର ଲକ୍ଷ୍ୟ ମିଳିଛି । ଆୟର୍ଲାଣ୍ଡ ପାଇଁ ଟିମ୍ ଟେକ୍ଟର ଏବଂ ରସ୍ ଆଦାଇର ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ପ୍ରଥମ ୱିକେଟ୍ ପାଇଁ ୧୭ ରନ୍ ସଂଗ୍ରହ କରିଥିଲେ । ଏହି ସ୍କୋରରେ ଟିମ୍ ଟେକ୍ଟରଙ୍କ ଯୋଗଦାନ ୫ ରନ୍ ଥିଲା । ସ୍କୋର ୨୧ ରନ୍‌ରେ ଭାରତର ଦ୍ୱିତୀୟ ଶିକାର ହୋଇଥିଲେ ଆଦାଇର, ଯିଏକି ବ୍ୟକ୍ତିଗତ ଭାବେ ୧୬ ରନ୍ କରିଥିଲେ । ସେହିପରି ଆୟର୍ଲାଣ୍ଡ ୪୮ ରନ୍‌ରେ ତୃତୀୟ ୱିକେଟ୍ ଭାବେ ଲୋର୍କାନ ଟକରଙ୍କୁ ହରାଇଥିଲା । ସେ ୧୮ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ ସଂଗ୍ରହ କରିଥିଲେ । ଆୟର୍ଲାଣ୍ଡ ଚତୁର୍ଥ ୱିକେଟରେ ୬୫ ରନ୍‌ର ଭାଗିଦାରୀ କରିଥିଲା ଏବଂ ଏହି କାମ ହେରି ଟେକ୍ଟର ଏବଂ ବେଞ୍ଜାମିନଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ବେଞ୍ଜାମିନ ୨୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ ।

ବେଙ୍ଗାଲୁରୁ ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେଲେ ଉପରାଷ୍ଟ୍ରପତି

ବେଙ୍ଗାଲୁରୁ : ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି ଯେ ନିଶାଦ୍ରବ୍ୟ ସେବନ କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ଶିକ୍ଷା, ଉତ୍ପାଦକତା, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ରାଷ୍ଟ୍ରର ବିକାଶ ପାଇଁ ମଧ୍ୟ ଏକ ଗୁରୁତର ବିଦ । ରବିବାର ବେଙ୍ଗାଲୁରୁସ୍ଥିତ ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ନଶା ମୁକ୍ତ ଭାରତ' ସମ୍ମିଳନୀକୁ ଉପରାଷ୍ଟ୍ରପତି ସମ୍ବୋଧିତ କରୁଥିଲେ । ସେ କହିଥିଲେ ଯେ ନିଶାମୁକ୍ତ ସମାଜ ଗଠନ ପାଇଁ ସରକାର, ଶିକ୍ଷାନୁଷ୍ଠାନ, ଅଭିଭାବକ ଏବଂ ନାଗରିକମାନଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ଉପରାଷ୍ଟ୍ରପତି କହିଲେ ଯେ ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଯୁବକମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ପାଇଁ ପ୍ରେରିତ କରିବା ହେଉଛି ସମୟର ଆବଶ୍ୟକତା । କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର, ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ଜଷ୍ଟିସ୍ (ଅବସରପ୍ରାପ୍ତ) ଏସ୍. ଅବଦୁଲ ନଜିର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ସେଶେଲ୍ସର ସ୍ୱତନ୍ତ୍ର ରାଷ୍ଟ୍ରପତି ସମ୍ମାନ ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍‌ରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେଶେଲ୍ସର ସ୍ୱତନ୍ତ୍ର ରାଷ୍ଟ୍ରପତି ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'ରେ ସମ୍ମାନିତ ହୋଇଛନ୍ତି । ସେଶେଲ୍ସ ରାଷ୍ଟ୍ରପତି ମହାମହିମ ଡକ୍ଟର ପାଟ୍ରିକ୍ ହାର୍ମିନି ଆଜି ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ସବୁଜ ଶକ୍ତି କ୍ଷେତ୍ରରେ ନେତୃତ୍ୱ, ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ହିତରକ୍ଷା ପାଇଁ ପ୍ରୟାସ, ନୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ, ଜଳବାୟୁ ପରିବର୍ତନର ସମାଧାନ, ସାମୁଦ୍ରିକ ସମ୍ପଦର ଦୀର୍ଘସ୍ଥାୟୀ ପରିଚାଳନା ଏବଂ ବିକାଶଶୀଳ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରଗୁଡ଼ିକର ବିକାଶମୂଳକ ଆକାଂକ୍ଷାକୁ ସମର୍ଥନ କରିବା କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଛି । ପ୍ରଥମ ଥର ପାଇଁ ଏହି ବିଶେଷ ସମ୍ମାନ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତନ ବିରୋଧରେ ଲଢ଼ିବା ପାଇଁ ସଂକଳ୍ପବଦ୍ଧ ସମସ୍ତ ରାଷ୍ଟ୍ରଙ୍କୁ ଉତ୍ସର୍ଗ କରିଛନ୍ତି । ସେ କହିଛନ୍ତି ଯେ ଏହି ପୁରସ୍କାର ଦୁଇ ଦେଶ ମଧ୍ୟରେ ବିଶେଷ ବନ୍ଧୁତାକୁ ଆହୁରି ମଜବୁତ କରିବାରେ ସାହାଯ୍ୟ କରିବ । ନିକଟରେ ଭାରତ-ସେଶେଲ୍ସ କୂଟନୈତିକ ସମ୍ପର୍କ ୫୦ ବର୍ଷ ପୂରଣ କରିଛି । ଏହି ସମ୍ମାନ ଏକ ସବୁଜ ପୃଥିବୀ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ । ଅନ୍ତର୍ଜାତୀୟ ସୌର ମେଂଟ, ମିଶନ ଲାଇଫ (ପରିବେଶ ପାଇଁ ଜୀବନଶୈଳୀ), 'ଏକ ପେଡ଼ ମା କେ ନାମ' (ମାଙ୍କ ନାମରେ ଗଛଟିଏ), ଏବଂ ଅନ୍ତର୍ଜାତୀୟ ବ୍ୟାଘ୍ର ମେଂଟ ଭଳି ପଦକ୍ଷେପରେ ମଧ୍ୟ ଏହା ସ୍ପଷ୍ଟ ହୋଇଥାଏ । ପୂର୍ବରୁ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନେକଗୁଡ଼ିଏ ସମ୍ମାନ ମିଳିଛି । ଏଥିମଧ୍ୟରେ ଏଫଏଓର ଏଗ୍ରିକୋଲା ପଦକ, ସିଓଲ ଶାନ୍ତି ପୁରସ୍କାର ଏବଂ ଜାତିସଂଘ 'ଚାମ୍ପିଅନ୍ସ ଅଫ୍ ଦ ଆର୍ଥ' ଆଦି ପ୍ରମୁଖ ସମ୍ମାନ ରହିଛି । ଏହି ସମ୍ମାନ ଭାରତ ମହାସାଗର କ୍ଷେତ୍ରରେ ଦକ୍ଷତା ନିର୍ମାଣ, ପରିବେଶ ସଂରକ୍ଷଣ, ଦୀର୍ଘସ୍ଥାୟୀ ବିକାଶ ପଦକ୍ଷେପ ଏବଂ ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବାରେ ଭାରତର ବର୍ଦ୍ଧିତ ଭୂମିକାକୁ ସେଶେଲ୍ସ କେତେ ଗୁରୁତ୍ୱ ଦିଏ ତାହା ପ୍ରତିଫଳିତ କରେ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**